
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୧୯ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 MARCH 2021
Vol.No. 32 ■ No. 74 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ଷଷ୍ଠ ଦିନରେ ବିଧାନସଭା ଅଚଳ

- କଂଗ୍ରେସର ଗାନ୍ଧୀ ମୂର୍ତ୍ତି ତଳେ ଧାରଣା
- ଚାଲି ଚାଲି ନବୀନ ନିବାସ ଗଲେ ବିଜେଡି, ବିଜେପି ବିଧାୟକ
- ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଜେପି ସଦସ୍ୟ



ଭୁବନେଶ୍ୱର,୧୮/୦୩ (ନି.ପ୍ର): ଶାସକ ଓ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ବିଧାନସଭା ଚାଲିପାରୁନଥିବା ବେଳେ ଆଜି (ଗୁରୁବାର) ବିଧାୟକଙ୍କ ହାଇ ଡ୍ରାମା ଦେଖିବାକୁ ମିଳିଥିଲା। ବିଜେପି ବିଧାୟକମାନେ ବିଧାନସଭାରୁ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଯାଏଁ ଚାଲି ଚାଲି ଯିବା ଏବଂ ନବୀନ ନିବାସ ସମ୍ମୁଖରେ ଧାରଣା ଦେବା ପରେ ମୁଖ୍ୟମନ୍ତ୍ରୀ ନିଜେ ଧାରଣାସ୍ଥଳକୁ ଆସି ଆଲୋଚନା ପାଇଁ ନବୀନ ନିବାସ ଭିତରକୁ ଡାକିନେଇଥିଲେ। ରାଜ୍ୟ ରାଜନୀତିରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ ମଣ୍ଡିରୁ ଧାନ ଉଠିବାକୁ ନେଇ ଦେଖାଦେଇଥିବା ସମସ୍ୟା ଏବଂ ବିଧାୟକଙ୍କ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗରେ ଗୁରୁବାର ଷଷ୍ଠ ଦିନରେ ବିଧାନସଭାରେ ଅଚଳାବସ୍ଥା ଦେଖାଦେଇଥିଲା। ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ୧୦ଟା ୩୧ ମିନିଟ୍ ରୁ ୧୨ ଟା ଓ ୧୨ ଟା ୦୨ ମିନିଟ୍ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ଫଳରେ ଆଜି ହେବାକୁ ଥିବା ପ୍ରଶ୍ନୋତର, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା କାର୍ଯ୍ୟକ୍ରମ ହୋଇପାରିନଥିଲା। ମୁଲତବୀ ହେବା ପରେ କଂଗ୍ରେସ ପକ୍ଷରୁ ଧାନ କିଣିବା ଦାବିରେ ବିଧାନସଭା ପରିସରରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦିଆଯାଇଥିଲା। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ▶▶ପୃଷ୍ଠା ୭

## ରାସ୍ତାରୁ ହଟିବ ଟୋଲ ବୁଥ୍ : ଜିପିଏସ୍‌ରେ ଆଦାୟ ହେବ ଟୋଲ୍

ନୂଆଦିଲ୍ଲୀ , ୧୮ ମାର୍ଚ୍ଚ (ହି.ସ.)- ହଟିବ ସମସ୍ତ ଟୋଲ ବୁଥ ଏବଂ ଜିପିଏସ ଇମେଜିଙ୍ଗ ମାଧ୍ୟମରେ ହେବ ଟୋଲ୍ ସଂଗ୍ରହ। ଆଉ ମାତ୍ର ବର୍ଷକ ପରେ ଏହି ସୁବିଧା ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ହେବ ବୋଲି ଆଜି ସଂସଦରେ ଘୋଷଣା କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ। ଟୋଲ ବୁଥରେ ଶହ ଶହ ଗାଡ଼ି ଠିଆ ହୋଇ ଟୋଲ ଦେଉଥିବାରୁ ରାସ୍ତା ଜାମ ହେବାର ସମସ୍ୟା ଦେଖାଦେଉଛି। ଅନେକ ସ୍ଥାନରେ ଘଂଟା ଘଂଟା ଧରି ଗାଡ଼ି ଠିଆ ହୋଇ ରହୁଛି। ଫାସଟ୍ୟାଗ୍ ବ୍ୟବସ୍ଥା ଦ୍ୱାରା ଭିଡ଼ କମିଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ସମ୍ପୂର୍ଣ୍ଣ ରୂପେ ହୋଇପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ବର୍ଷକ ମଧ୍ୟରେ ସମସ୍ତ ଟୋଲ ବୁଥ ହଟାଇଦିଆଯିବ। ଆସନ୍ତା ଏକ ବର୍ଷ ମଧ୍ୟରେ ଭାରତ ସମ୍ପୂର୍ଣ୍ଣ ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ପ୍ରଣାଳୀ କାର୍ଯ୍ୟକାରୀ କରିବ ବୋଲି କହିଛନ୍ତି ନିତିନ ଗଡ଼କରୀ। ରାସ୍ତାରେ ଜିପିଏସ୍ ଆଧାରିତ ସିଷ୍ଟମ୍ ରହିବ ଯାହା କାରଗୁଡ଼ିକୁ ଟ୍ରାକ୍ କରିବ ଏବଂ ସେହି ଅନୁଯାୟୀ ଟୋଲ ଆଦାୟ କରିବ। ଥରେ ଏହି ସିଷ୍ଟମ କାର୍ଯ୍ୟକ୍ଷମ ହେବା ପରେ ଲୋକଙ୍କୁ ଆଉ ଠିଆ ହୋଇ ଟୋଲ ଦେବାକୁ ପଡ଼ିବ ନାହିଁ।

## ଅନ୍‌ଲାଇନ୍ ଠକେଇ ପାଇଁ ବ୍ୟାଙ୍କ୍ ଦାୟୀ ନୁହେଁ : ଖାଉଟି ଅଦାଲତ

କନକ ବ୍ୟୁରୋ : ଅନ୍‌ଲାଇନ୍ ଠକଙ୍କ ପ୍ରତି ସତର୍କ ରହିବା ଲାଗି 'ଏଟିଏମ୍ ପିନ୍' ଓ 'କ୍ରେଡିଟ୍ କାର୍ଡ' ନମ୍ବର ଆଦି ସେୟାର୍ ନ କରିବାକୁ ଭାରତୀୟ ବ୍ୟାଙ୍କ୍ ?ଗୁଡ଼ିକ ସବୁବେଳେ ଗ୍ରାହକମାନଙ୍କୁ ଚେତାବନୀ ଦେଉଛନ୍ତି। ଚେତାବନୀ ସତ୍ତ୍ୱେ ଗ୍ରାହକମାନେ ଏସବୁ ମୌଳିକ ସତର୍କତା ପ୍ରତି ଅବଜ୍ଞା ପ୍ରଦର୍ଶନ କରି ଠକାମିର ସରବ୍ୟ ହେଲେ, ବ୍ୟାଙ୍କମାନେ ଦାୟୀ ରହିବେ ନାହିଁ ବୋଲି ଗୁଜରାଟର ଏକ ଖାଉଟି ଅଦାଲତ କହିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ନିଜ ଅବହେଳାରୁ ଠକାମିର ସରବ୍ୟ ହୋଇଥିବା ଜଣେ ବ୍ୟକ୍ତିଙ୍କ କ୍ଷତିପୂରଣ ଦାବି ଆବେଦନକୁ ଗୁଜରାଟର ଆମରେଲି ଜିଲ୍ଲା 'କଞ୍ଜୁମର୍ସ ଡିସ୍‌ପ୍ୟୁଟ୍ ରିଡ୍ରେସାଲ୍ କମିସନ୍' ଅଗ୍ରାହ୍ୟ କରି ଉପରୋକ୍ତ କଥା କହିଛନ୍ତି। ୨୦୧୮ ଏପ୍ରିଲ୍ ୨ ତାରିଖ ଦିନ କେହି ଜଣେ 'ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ'ର ମ୍ୟାନେଜର ସାଜି, କୁର୍ଜି ଜାଓ୍ୱିଆ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ତାଙ୍କର 'ଏଟିଏମ୍' କାର୍ଡର ବିବରଣୀ ମାଗିଥିଲେ। କୁର୍ଜି ତାଙ୍କୁ 'ଏଟିଏମ୍' ▶▶ପୃଷ୍ଠା ୭

## ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ପ୍ରସଙ୍ଗକୁ ନେଇ ଆରମ୍ଭ ହେଲା ବିଜେଡି-ବିଜେପି କଳି



ଭୁବନେଶ୍ୱର,୧୮/୦୩ (ନି.ପ୍ର): ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ପ୍ରସଙ୍ଗକୁ ନେଇ ଆରମ୍ଭ ହୋଇଛି ବିଜେପି-ବିଜେଡି କଳି । ବିଜେପି ଏହି ଘଟଣାକୁ ନେଇ ଶାସକ ଦଳକୁ ଘେରିଥିବାବେଳେ ବିଜେଡି ମଧ୍ୟ ଏହାର ଜବାବ ରଖିଛି । ଏହି ଜମି ବିକ୍ରି କରି ରାଜ୍ୟ ସରକାର ମହାପାପ କରିଥିବା ବିଜେପି କହିଥିବାବେଳେ, ନିଜ ରାଜନୈତିକ ଅଭିସନ୍ଧି ରଖି ବିଜେପି ଏପରି କରୁଥିବା ଜବାବ ରଖିଛି ବିଜେଡି । ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟ ସରକାର ଶ୍ରୀଜଗନ୍ନାଥଙ୍କର ପାଖାପାଖି ୩୫ ହଜାର ଏକର ଜମି ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ କରିବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ଏହା କରି ରାଜ୍ୟ ସରକାର ମହାପାପ କରିଛନ୍ତି । ଖୋଦ୍ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଏହି ଜମି ବିକ୍ରି କରିବା କଥା ବିଧାନସଭାରେ କହିଥିଲେ ବୋଲି ଲେଖାଶ୍ରୀ କହିଛନ୍ତି । ▶▶ପୃଷ୍ଠା ୭

## ଆଉ ୩ ରାଜ୍ୟ ଫେରନ୍ତାଙ୍କ ଉପରେ ନଜର

ଭୁବନେଶ୍ୱର,୧୮/୦୩ (ନି.ପ୍ର): କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବା ପରେ ଆଉ ୩ ରାଜ୍ୟ ଫେରନ୍ତାଙ୍କ ଉପରେ ନଜର ରଖାଯିବ। ବର୍ତ୍ତମାନକର୍ଣ୍ଣାଟକ, ତାମିଲନାଡୁ, ଗୁଜରାଟ ଫେରନ୍ତାଙ୍କ ଉପରେ ନଜର ରହିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ସେ କହିଛନ୍ତି ଯେ ଏହିସବୁ ରାଜ୍ୟରେ ସଂକ୍ରମଣ ବଢିବାରେ ଲାଗିଛି । ପୂର୍ବରୁ ୫ ଛତିଶଗଡ, ମଧ୍ୟପ୍ରଦେଶ, କେରଳ, ମହାରାଷ୍ଟ୍ର ଓ ପଞ୍ଜାବ ଫେରନ୍ତାଙ୍କୁ ସ୍କାନରରେ ରଖାଯାଇଛି।

## ବଜ୍ରପାତ ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୮/୦୩ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ପୁଣି ପାଗରେ ପରିବର୍ତ୍ତନ ହୋଇପାରେ। ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହାସହ ବଜ୍ରପାତ ଓ ଘଡଘଡିର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛନ୍ତି। ଅପରପକ୍ଷରେ ବଜ୍ରପାତ ଓ ଘଡଘଡିର ସମ୍ଭାବନା ଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ, କନ୍ଧମାଳ, ଦେବଗଡ, ଅନୁଗୁଳ, ମୟୁରଭଂଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେବ। ସେହିପରି ଏହି ସମୟ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ବୌଦ୍ଧ ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛିପାଣିପାଗ ବିଭାଗ। ସେହିପରି ୨୦ ତାରିଖ ସକାଳ ଠାରୁ ୨୧ ତାରିଖ ସକାଳ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ମୟୁରଭଂଜ, କେନ୍ଦୁଝର, ଦେବଗଡ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହା ବ୍ୟତୀତ କେନ୍ଦୁଝର , ମୟୁରଭଂଜ, ବାଲେଶ୍ୱର , ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ବଜ୍ରପାତ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଏଥର ସ୍ୱାଭାବିକ ଚାଲିବ ଗୃହ : ଧାନକିଣା ପ୍ରସଙ୍ଗରେ ଗୃହରେ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର,୧୮/୦୩(ନି.ପ୍ର): ଏଥର ଗୃହ ଚାଲିବ ସ୍ୱାଭାବିକ । ଆସନ୍ତାକାଲି ଧାନକିଣା ପ୍ରସଙ୍ଗରେ ଗୃହରେ ଉତ୍ତର ରଖିବେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଏନେଇ ସର୍ବଦଳୀୟ ବୈଠକ ପରେ ଘୋଷଣା କରିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର । ତେବେ ଯେଉଁ ଧାନକିଣା ପ୍ରସଙ୍ଗକୁ ନେଇ ତୁମ୍ବିତୋଫାନ ଉଠିଥିଲା, ଗତ ୬ ଦିନ ଧରି ଗୃହ ଅଚଳାବସ୍ଥା ଦେଖାଦେଇଥିଲା ତାହା ଆଉ ଆଗକୁ ଦେଖିବାକୁ ନମିଳିପାରେ ବୋଲି ଏହା ସଂକେତ ଦେଉଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ୧୧.୩୦ ମିନିଟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସରକାରଙ୍କ ଆଭିମୁଖ୍ୟକୁ ଗୃହରେ ରଖିବେ । ସେପଟେ ଦେବଗଡ଼ ବିଧାୟକ ସୁବାଷ ପାଣିଗ୍ରାହୀଙ୍କ ବିରୁଦ୍ଧରେ ସରକାରୀ ଦଳ ଆଣୁଥିବା ଅଭିଯୋଗ ଗୃହରେ ଉପସ୍ଥାପିତ ହେବ ନାହିଁ । ଏହି ପ୍ରସଙ୍ଗ ପାଇଁ ସ୍ୱାଧିକାର କମିଟି ଯିବ ବୋଲି ବାଚସ୍ପତି ନେଇ ଘୋଷଣା । ଅନ୍ୟପଟେ ଆସନ୍ତାକାଲି ଦିନ ୧୦.୩୦ ପର୍ଯ୍ୟନ୍ତ ଗୃହ ମୁଲତବୀ କରାଯାଇଛି ।

## ଦିଦିଙ୍କ ଗଡରେ ଗର୍ଜିଲେ ପ୍ରଧାନମନ୍ତ୍ରୀ



ପଶ୍ଚିମବଙ୍ଗ,୧୮/୦୩ (ନି.ପ୍ର): ବିଜେପିର ମିଶନ ବେଙ୍ଗଲ । ଏହି କ୍ରମରେ ଆଜି ପଶ୍ଚିମବଙ୍ଗର ପୁରୁଲିଆରେ ବିଶାଳ ସଭା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୨୦ ମାର୍ଚ୍ଚରେ ହେବାକୁ ଥିବା ରାଲି ୨ ଦିନ ପୂର୍ବରୁ ଆୟୋଜିତ କରାଯାଇଛି । ପଶ୍ଚିମବଙ୍ଗର ପୁରୁଲିଆରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ପୁରୁଲିଆର ସାମ୍ପ୍ରତିକ ଜଳ ସଙ୍କଟ ପ୍ରସଙ୍ଗରେ ମହାକାବ୍ୟ 'ରାମାୟଣ'ରୁ ଗୋଟାଏ କଥାର ଦୃଷ୍ଟାନ୍ତ ଦେବା ସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ମୋଦୀ କହିଲେ, ଏ ଭୂମି ପ୍ରଭୁ ରାମ ଏବଂ ଦେବୀ ସୀତାଙ୍କ ବନବାସ କାଳର ସାକ୍ଷୀ । ଏ ଭୂମିରେ ସୀତାକୁଣ୍ଡ ଅଛି । କଥିତ ଅଛି ଯେ, ଦେବୀ ସୀତାଙ୍କୁ ଶୋଷ ଲାଗିବାରୁ ପ୍ରଭୁ ରାମ ଭୂଇଁରେ ଶର ବିନ୍ଧି ଜଳ ବାହାର କରିଥିଲେ। କିନ୍ତୁ, ଆଜି ପୁରୁଲିଆରେ ଜଳ ସଙ୍କଟ ଦେଖାଦେବା ବଡ଼ ବିଚିତ୍ର କଥା । ପଶ୍ଚିମବଙ୍ଗର ପୁରୁଲିଆରେ ଏକ ନିର୍ବାଚନ ରାଲିରେ ଉଦ୍‌ବୋଧନ ଦେବା ସମୟରେ ଉପରୋକ୍ତ କଥା କହିବା ସହ ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ମମତା ସରକାର ପୁରୁଲିଆ ପ୍ରତି ଅବହେଳା ପ୍ରଦର୍ଶନ କରିଛନ୍ତି। ପ୍ରଥମେ ବାମପନ୍ଥୀ ସରକାର ଓ ପରେ ତୃଣମୂଳ କଂଗ୍ରେସ ପୁରୁଲିଆରେ ଶିଳ୍ପର ବିକାଶ କରାଇ ଦେଇ ନାହାନ୍ତି। ଜଳସେଚନ ନିମନ୍ତେ ଯେଉଁ ପ୍ରକାର କାର୍ଯ୍ୟ ହେବା କଥା ତାହା ହୋଇନାହିଁ। ଜଳ ସଙ୍କଟ ଯୋଗୁଁ ଗୃହପାଳିତ ପଶୁପାଳନରେ ହେଉଥିବା ସମସ୍ୟା କଥା ମୁଁ ଜାଣେ। କୃଷିକୁ ତା' ବାଟରେ ଛାଡ଼ି ଦେଇ ତୃଣମୂଳ କଂଗ୍ରେସ ସରକାର ନିଜ ଖେଳରେ ମାତିଛି । କିନ୍ତୁ, 'ଡବଲ୍-ଇଞ୍ଜିନ୍'ବିଶିଷ୍ଟ 'ବିଜେପି' ▶▶ପୃଷ୍ଠା ୭

## ନିର୍ବାଚନ ହାରିବା ଭୟରେ ହିଂସା ଓ ଅରାଜକତାକୁ ଆପଣାଇଛି ଟିଏମସି : ଧର୍ମେନ୍ଦ୍ର



ପଶ୍ଚିମବଙ୍ଗ/ଭୁବନେଶ୍ୱର,୧୮/୦୩ (ନି.ପ୍ର): ତୃଣମୂଳ କଂଗ୍ରେସ (ଟିଏମସି)ର ପାଦ ତଳୁ ମାଟି ଖସିବା ବେଳେ ଏହାକୁ ରକ୍ଷା କରିବା ପାଇଁ ମମତା ଦିଦି ନିର୍ବାଚନ ପରାଜୟ ଭୟରେ ହିଂସା ଏବଂ ଅରାଜକତା ରାସ୍ତା ଆପଣାଇଛନ୍ତି ବୋଲି ପଶ୍ଚିମବଙ୍ଗରେ ନିଜର ଜନସଭାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଟିଏମସିର ଆକ୍ରମଣ କରାଯିବା ପ୍ରସଙ୍ଗରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଟିଏମସିର ଏହି ଆକ୍ରମଣକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କଡା ନିନ୍ଦା କରିବା ସହ କହିଛନ୍ତି ନିର୍ବାଚନକୁ ଆହୁରି ୧୫ ଦିନ ବାକି ରହିଥିବା ବେଳେ ଟିଏମସି ଭୟର ବାତାବରଣ ତିଆରି କରୁଛି । ନିଜ ସ୍ଥିତି ହରାଇ ସରିବା ପରେ ହିଂସା ଓ ଅରାଜକତାକୁ ଆପଣାଇଛି। ପଶ୍ଚିମବଙ୍ଗର ଜନତା ପରିବର୍ତ୍ତନ ଚାହୁଁଛନ୍ତି ଏବଂ ପରିବର୍ତ୍ତନ ପାଇଁ ମନ ବନାଇ ସାରିଲେଣି। ଏହି ଘଟଣା ସଂପର୍କରେ ନିର୍ବାଚନ ଆୟୋଗଙ୍କୁ ଅବଗତ କରାଯିବ। ହିଂସା ରୋକିବା ସହ ଅଧିକ ଅର୍ଦ୍ଧସାମରିକ ▶▶ପୃଷ୍ଠା ୭

## ବିଜେପିରେ ଯୋଗଦେଲେ ଅଭିନେତା ଅରୁଣ ଗୋଭିଲ




ନୂଆଦିଲ୍ଲୀ,୧୮/୦୩ (ନି.ପ୍ର): ସିରିଏଲ 'ରାମାୟଣ'ର ପ୍ରସିଦ୍ଧ ଅଭିନେତା ଅରୁଣ ଗୋଭିଲ ଗୁରୁବାର ଦିନ ବିଜେପିରେ ଯୋଗ ଦେଇଛନ୍ତି। ସେ ରାମାନନ୍ଦ ସାଗରଙ୍କ ସିରିଏଲ 'ରାମାୟଣ'ରେ ପ୍ରଭୁ ରାମଙ୍କ ଭୂମିକାରେ ଅଭିନୟ କରିଥିଲେ। ଅରୁଣ ଗୋଭିଲ ଦିଲ୍ଲୀସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂଙ୍କ ଉପସ୍ଥିତିରେ ବିଜେପିରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ବିଜେପିରେ ଯୋଗଦେବା ଅବସରରେ ଅରୁଣ କହିଛନ୍ତି ଯେ ଏହି ସମୟରେ ଆମର ଯାହା କର୍ତବ୍ୟ ତାହା କରାଯିବା ଉଚିତ୍। ପୂର୍ବରୁ ମୁଁ ରାଜନୀତିକୁ ବୁଝିପାରୁନଥିଲି। କିନ୍ତୁ ଯେବେ ଠାରୁ ମୋଦୀ ଜୀ ଦେଶକୁ ସମ୍ଭାଳିଛନ୍ତି ▶▶ପୃଷ୍ଠା ୭

## ଆକାଶ ପାଠକଙ୍କୁ ସର୍ତ୍ତମୂଳକ ଜାମିନ୍

ଭୁବନେଶ୍ୱର,୧୮/୦୩ (ନି.ପ୍ର): ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କୁ ସର୍ତ୍ତମୂଳକ ଜାମିନ୍ ମିଳିଛି। ଗଞ୍ଜାମ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଡ. ପ୍ରସନ୍ନ ପଣ୍ଡା ଆକାଶଙ୍କୁ ଗୋଟିଏ ମାମଲାରେ ଜାମିନ୍ ପ୍ରଦାନ କରିଛନ୍ତି। ୫୦ହଜାର ଟଙ୍କାର ବେଲ୍‌ବଣ୍ଡ ସହିତ ଦୁଇଜଣ ଦାମିନ୍ ଦାର ହାଜର କରିବା ପରେ ଆକାଶଙ୍କୁ ଜାମିନ୍ ମିଳିଛି।

## ଶହେ ଦିନରେ ଭାରତରେ କରୋନା ସଂକ୍ରମଣ ସୃଷ୍ଟି କଲା ନୂଆ ରେକର୍ଡ

## ଦିନକରେ ୩୫ ହଜାରରୁ ଅଧିକ ଆକ୍ରାନ୍ତ ଚିହ୍ନଟ : ଓଡିଶାରୁ ଗୋଟିଏ ଦିନରେ ୮୪ ସଂକ୍ରମିତ



ଭୁବନେଶ୍ୱର,୧୮/୦୩ (ନି.ପ୍ର): ଦେଶରେ କରୋନା ସଂକ୍ରମଣର ତଥ୍ୟ ପୁଣିଥରେ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି କରିଛି । ଯେଉଁ ହାରରେ ଭାରତରେ କରୋନା ସଂକ୍ରମଣ ବଢ଼ିଛି, ତାହା ଗତ ୧୦୦ ଦିନର ରେକର୍ଡ ଭାଙ୍ଗିଛି । ଆଉ ଏହି ସଂକ୍ରମଣ ହାରରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ମହାରାଷ୍ଟ୍ର । ସାରା ଦେଶରେ ଗୋଟିଏ ଦିନରେ ଯେତିକି ସଂକ୍ରମଣ ହୋଇଛି, ତାର ୬୪ ପ୍ରତିଶତ ସଂକ୍ରମଣ କେବଳ ମହାରାଷ୍ଟ୍ରରେ ହୋଇଛି । ଏହାରି ଭିତରେ ଓଡିଶାରେ ୨୪ ଘଂଟା ମଧ୍ୟରେ ସଂକ୍ରମିତ ହୋଇଛନ୍ତି ୮୪ ଜଣ । ଆଉ ତା ଭିତରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି କଟକର କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ୧୦୦ଦିନରେ କରୋନା କଲା ନୂଆ ରେକର୍ଡ । ଗତ ୨୪ ଘଂଟାରେ କରୋନା ସଂକ୍ରମଣକୁ ଦେଖିଲେ କେବଳ ଭାରତରେ ୩୫ ହଜାର ୮୮୬ ନୂଆ କରୋନା ସଂକ୍ରମିତ ହୋଇଛନ୍ତି । ଯାହାକି ୧୦୨ ଦିନ ଭିତରେ ସର୍ବାଧିକ । ମହାରାଷ୍ଟ୍ରରୁ ୨୩ ହଜାର ୧୭୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ମୋଟ ସଂକ୍ରମଣର ୬୪ ପ୍ରତିଶତ । ଯଦି ଓଡିଶା କଥା ଦେଖିବା ତେବେ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୮୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସଂଗରୋଧରୁ ୪୯ ଜଣ ଚିହ୍ନଟ ହୋଇଛନ୍ତି, ▶▶ପୃଷ୍ଠା ୭

# ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ଦଶମ ବାର୍ଷିକ ଉତ୍ସବ ମାର୍ଚ୍ଚ ୨୧ରେ

ବାସୁଦେବପୁର,୧୮।୩ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ଦଶମ ବାର୍ଷିକ ସମ୍ବର୍ଦ୍ଧନା ସଭା, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ଆସନ୍ତା ମାର୍ଚ୍ଚ ୨୧ ତାରିଖ ରବିବାରରେ ଅନୁଷ୍ଠିତ ହେବ । ବାସୁଦେବପୁର ବ୍ଲକ ରୋଡ଼ ନିକଟସ୍ଥ ମିରାକଲ ପବ୍ଲିକ ସ୍କୁଲରେ ଏହି କାର୍ଯ୍ୟକ୍ରମ ହେବ । ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିବେ ଶିକ୍ଷାବିତ୍ ଦୁଃଶାସନ ରାଉତ । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର କୁମରବର ଦାସ । ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବିଶେଷ ଅତିଥି ଶିଶୁ ସାହିତ୍ୟିକ ଓ ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତି, ଅମୃତ ଦର୍ଶନ ପତ୍ରିକାର ସଂପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ । ପ୍ରାଧ୍ୟାପିକା ଡକ୍ଟର ବାସନ୍ତୀ ମହାନ୍ତି ପ୍ରମୁଖ ଯୋଗଦାନ କରିବେ । ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବରେ ସଭାପତିତ୍ୱ କରିବେ ବିଶିଷ୍ଟ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା । ଏଥିରେ ବିଶେଷ ଅତିଥିଭାବେ ଯୋଗଦେବେ ଚନ୍ଦ୍ରଭାଗାର ସଂପାଦକ କବି ଶ୍ରୀଦେବ, ଯୁବଗାଳ୍ପିକ ତଥା ବାସୁଦେବପୁର ତହସିଲଦାରର ସୌମ୍ୟଶ୍ରୀ ପାଣିଗ୍ରାହୀ, କବି ଡକ୍ଟର ଧରଣୀଧର ପାତ୍ର, ବାସୁଦେବପୁର ଷ୍ଟେଟ ବ୍ୟାଙ୍କର ଡେପୁଟି ମ୍ୟାନେଜର ଦିଲ୍ଲୀପ ବିଶ୍ୱାଳ, ଐତିହାସିକ ଓ ଗବେଷକ ଅଜୟ ପଣ୍ଡା । କବିତା ସଂଯୋଜନା କରିବେ କବି ଡକ୍ଟର ମମତା ସାହୁ, କବି ଯାଯାବର ଓ କବି ରବି କୁମାର ମହାନ୍ତି । ଏହି ଦଶମ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ହେବେ ବରିଷ୍ଠ କବି ସୁଚିତ୍ରା ପାଣିଗ୍ରାହୀ, କବି କିଶୋର ପାଣିଗ୍ରାହୀ, ଗାଳ୍ପିକା ଡକ୍ଟର କବିତା ବାରିକ, ପ୍ରାବନ୍ଧିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, ନାଟ୍ୟକାର ଓ କବି ଡକକ୍ଟର ଦିଲୀପ ରଥ, ବରିଷ୍ଠ ଶିଶୁ ସାହିତ୍ୟିକ ଚକ୍ରଧର ବେହେରା, କବି ଗୀତାରାଣୀ ଆଇଚ, ସମାଜସେବୀ କଳ୍ପନା ଜେନା ଓ କବି ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର । ଏହି ଉତ୍ସବରେ ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ପୁସ୍ତକ ବାସୁଦେବପୁର ପ୍ରସଙ୍ଗ-୭ ଓ କବି ପ୍ରଦୀପ୍ତ ମହାନ୍ତିଙ୍କ ଐତିହାସିକ ପୁସ୍ତକ ରକ୍ତତୀର୍ଥ ଇରମ ଓ ସ୍ୱାଧୀନତା ସଂଗ୍ରାମର ସ୍ୱର ଉନ୍ମୋଚିତ ହେବ । ଏହି ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବରେ ସମସ୍ତଙ୍କୁ ବହୁ ସଂଖ୍ୟାରେ ଯୋଗଦେବାକୁ ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ବିନମ୍ର ଅନୁରୋଧ ଜଣାଇଛନ୍ତି ।

# ପ୍ରଭୂ ଜଗନ୍ନାଥ ଓଡିଶା ସରକାରଙ୍କୁ ସଦବୁଦ୍ଧି ଦିଅନ୍ତୁ, ମଣ୍ଡିରୁ ଚାଷୀଙ୍କ ଧାନ କିଣନ୍ତୁ ସରକାର:ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୧୮।୩ (ନି.ପ୍ର): ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ନୂତନ କାର୍ଯ୍ୟକାରିଣୀ କମିଟି ଗତ ମଙ୍ଗଳବାର ଦିନ ଗଠିତ ହେବା ପରେ ଆଜି କୃଷକମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତଙ୍କ ସହ ମୋର୍ଚ୍ଚାର ପଦାଧିକାରୀ, କାର୍ଯ୍ୟକାରିଣୀ କମିଟି ସଦସ୍ୟ, ରାଜ୍ୟ ସଂଯୋଜକମାନେ ପୁରୀ ଜଗନ୍ନାଥ ଧାମରେ ପହଂଚି ମହାପ୍ରଭୂଙ୍କ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଛନ୍ତି । ଓଡିଶାର ଚାଷୀମାନେ ଦାର୍ଘଦିନରୁ ମଣ୍ଡିରେ ପଡିରହିଥିବା ଲକ୍ଷ ଲକ୍ଷ କ୍ୱିଂଟାଲ ଧାନ ବିକ୍ରି ପାଇଁ ରାସ୍ତାରୋକ, ସରକାରୀ ଅଫିସରେ ଧାନ ଗଦାଇବା, ଧାରଣା, ଆମରଣ ଅନଶନ କରିବା ପରେ ରାଜ୍ୟ ସରକାର ଚାଷୀଙ୍କ ଠାରୁ ଧାନ କିଣୁନାହଁନ୍ତି । ଓଡିଶା ବିଧାନସଭାରେ ଧାନ ସଂଗ୍ରହ ପ୍ରସଙ୍ଗରେ ଅଚଳ ହୋଇ ଗତ ୨୭ ଫେବୃଆରୀରେ ବାଚସ୍ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଣ୍ଡିରେ ପଡିଥିବା ସମସ୍ତ ଧାନକୁ ରାଜ୍ୟ ସରକାର କିଣିବା ପାଇଁ ଘୋଷଣା କରିବା ସତ୍ୱେ ଆଜି ବି ମଣ୍ଡିରୁ ଧାନ କିଣାଯାଇନାହିଁ । ଏବେ ଗତ ୫ ଦିନ ହେଲା ବିଧାନସଭା ଅଚଳ ହୋଇ ରହିଛି । ଏହି ପରିପ୍ରେକ୍ଷୀରେ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପୁରୋହିତଙ୍କ ସମେତ ମୋର୍ଚ୍ଚାର ସମସ୍ତ ସଦସ୍ୟମାନେ 'ରାଜ୍ୟ ସରକାରଙ୍କୁ ଜଗନ୍ନାଥ ମହାପ୍ରଭୁ ସଦବୃଦ୍ଧି ଦିଅନ୍ତୁ, ରାଜ୍ୟର ଚାଷୀ କାନ୍ଦୁଛି, ତୁରନ୍ତ ମଣ୍ଡିରୁ ଧାନ ସରକାର କିଣନ୍ତୁ' ବୋଲି ଜଗନ୍ନାଥ ମହାପ୍ରଭୂଙ୍କ ଆଗରେ ଗୁହାରୀ କହିଛନ୍ତି । ଆନ୍ଦୋଳନ, ବିଧାନସଭାରେ ଘୋଷଣା, କେନ୍ଦ୍ରର ଚାପ ସତ୍ୱେ ରାଜ୍ୟ ସରକାର ନିର୍ଲଜ ଭୂମିକା ନେଇଥିବାରୁ ଚାଷୀଙ୍କ ସ୍ୱାର୍ଥ ପାଇଁ ସବୁଠୁ ବଡ ଅଦାଲତ ଜଗନ୍ନାଥ ମହାପ୍ରଭୂଙ୍କ ଠାରେ ଗୁହାରୀ କରିଛୁ ବୋଲି ଶ୍ରୀ ପୁରୋହିତ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଜଗନ୍ନାଥଙ୍କ ମହାପ୍ରଭୂଙ୍କ ଦର୍ଶନ ସମୟରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସମେତ ନବନିଯୁକ୍ତ ରାଜ୍ୟ ସାଧାରଣ ସଂପାଦକ କାମାକ୍ଷା ପ୍ରଧାନ, ଲକ୍ଷ୍ମଣ ବାଗ, ମୋର୍ଚ୍ଚା ଉପସଭାପତି ଶ୍ରୀରଂଜନ ମଙ୍ଗରାଜ, ବରିଷ୍ଠ ନେତା ରଂଜନ ପଟେଲ, ମହେଶ୍ୱର ସାହୁ, ଉପାଧ୍ୟାୟ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ । ପୁରୀଯିବା ରାସ୍ତାରେ ଭୁବନେଶ୍ୱର ଉତରା ଛକ, ପିପିଲି, ସାକ୍ଷୀଗୋପାଳ ଠାରେ ଶତାଧିକ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତାମାନେ ମୋର୍ଚ୍ଚାର ନବନିଯୁକ୍ତ ପଦାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ସୁନ୍ଦରଗଡ଼ରେ ଆନ୍ଦୋଳନରତ ମହିଳାଙ୍କ ଗିରଫଦାରୀକୁ ସିପିଆଇର ନିନ୍ଦା

ଭୁବନେଶ୍ୱର,୧୮।୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବାଙ୍କିବାହାଲ ଟପରିଆ ଅଂଚଳର କନ୍ଦାଧୂଡ଼ାଠାରେ ମହାନଦୀ କୋଲ୍ ଫିଲ୍ଡର (ଏମସିଏଲ) କୋଇଲା ପରିବହନ ଫଳରେ ସର୍ବସାଧାରଣ ଜୀବନଯାତ୍ରା ବ୍ୟାହତ ହେବା ଓ ପରିବେଶ ପ୍ରଦୂଷଣ ବିରୋଧରେ ଆନ୍ଦୋଳନରତ ୨୪ଜଣ ମହିଳାଙ୍କ ଗିରଫଦାରୀ ଓ ଥାନାରେ ଶିଶୁମାନଙ୍କ ଅଟକ ଘଟଣାକୁ ସିପିଆଇ ନିନ୍ଦା କରିଛି । ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଏହି ଆନ୍ଦୋଳନର ନେତା ରାଜେନ୍ଦ୍ର ନାୟକଙ୍କ ସମେତ ଶତାଧିକ ପୁରୁଷ ଓ ମହିଳାଙ୍କୁ ଗତମାସରେ ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ପୂର୍ବରୁ ହେମଗିରି ପୋଲିସ ଗିରଫ କରିଥିଲା । ଏକମାସ ନ ବିତୁଣୁ ସିପିଆଇର ଜିଲ୍ଲା ପରିଷଦ ସଭ୍ୟା ପୂରବୀ ନାୟକଙ୍କ ସମେତ ୨୪ଜଣ ଆନ୍ଦୋଳନକାରୀ ମହିଳାଙ୍କୁ ଗିରଫ କରିବା ପ୍ରତିଶୋଧ ପରାୟଣ ମାନସିକତାର ପରିଚୟ ଦିଏ । ଏଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାର କୋଇଲା କଂଟ୍ରାକ୍ଟରମାନଙ୍କ ପୃଷ୍ଠପୋଷକତା ନ କରି ଜନସାଧାରଣଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସିପିଆଇ ରାଜ୍ୟ ସମ୍ପାଦକ ଆହ୍ୱାନ ଦେଇଛନ୍ତି ।

## ଫାଣ୍ଡିରୁ ନର କଙ୍କାଳ ଉଦ୍ଧାର ଘଟଣା

# ଅପରାଧୀକୁ ତୁରନ୍ତ ଗିରଫ କରିବାକୁ ପୋଲିସ କମିଶନରଙ୍କୁ ଭେଟିଲା ବିଜେପି ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୧୮।୩ (ନି.ପ୍ର): ପୋଲିସ ଫାଣ୍ଡି ଗାଡିରୁ ଉଦ୍ଧାର ହୋଇଥିବା ନର କଙ୍କାଳ କାହାର ପୋଲିସ ସ୍ପଷ୍ଟ କରିବା ସହ ଅପରାଧୀକୁ ତୁରନ୍ତ ଗିରଫ କରିବା ଦାବିରେ ବୁଧବାର ଦିନ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ପୋଲିସ କମିଶନରଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଜଣେ ମହିଳାଙ୍କ ନର କଙ୍କାଳ କିପରି ଫାଣ୍ଡିରେ ଥିବା ଗାଡି ଭିତରକୁ ଆସିଲା ? ମହିଳାଙ୍କୁ କିଏ ହତ୍ୟା କରିଛି ? ମୃତ ମହିଳା ଜଣକ କିଏ ରାଜଧାନୀରେ ଏଭଳି ଏକ ଜଘନ୍ୟ ଘଟଣା ପଛରେ କେଉଁ ବ୍ୟକ୍ତିର ହାତ ରହିଛି, ତାହା କମିଶନରେଟ ପୋଲିସ ସ୍ପଷ୍ଟ କରିବା ଦରକାର । ଥାନା ଗୁଡିକରେ ସିସିଟିଭି ଲଗାଯାଇଥିବାବେଳେ ରାଜଧାନୀରେ ଥିବା ଫାଣ୍ଡି ଗୁଡିକରେ ସିସିଟିଭି କାହିଁକି ଲଗାଯାଇ ନାହିଁ ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ବିଗତ ଦିନରେ ରମାଦେବୀ ଛାତ୍ରୀ ଝରାଫୁଲ ନାୟକଙ୍କ ହତ୍ୟାକାଣ୍ଡ ଘଟଣା ସନ୍ଦେହ ଘେରରେ ରହିଛି । ଚଳିତ ମାସରେ ସିଆରପି ଛକରେ ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ପୋଲିସ ଗାଡିରୁ ଟାଣି ଆଣି ହତ୍ୟା କରାଯାଇଥିଲା । ଚୋରି, ଡକାୟତି ଏବଂ ସାଇବର ଅପରାଧ ଆଦି ଖବର ପ୍ରତିଦିନ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି । ଅପରାଧୀଙ୍କୁ ଧରିବାରେ କମିଶନରେଟ ପୋଲିସ ତତ୍ପରତା ଦେଖାଉ ନାହିଁ । ମହିଳାଙ୍କ ସୁରକ୍ଷା ଦିଗରେ କମିଶନରେଟ ପୋଲିସ ଜିରୋ ଟଲେରାନ୍ସ ନିୟମ ଲାଗୁ କରିବା ସହ ରାଜଧାନୀରେ ବସବାସ କରୁଥିବା ଛାତ୍ରୀ, କର୍ମଜୀବୀ ମହିଳା, ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆଗାମୀ ଦିନରେ ଭୁବନେଶ୍ୱରକୁ ଅପରାଧ ମୁକ୍ତ ସହର କରିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀମତୀ ପଟ୍ଟନାୟକ ଦାବି କରିଛନ୍ତି । ଏହି ପ୍ରତିନିଧୀ ଦଳରେ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ସଂପାଦିକା ରଶ୍ମିରେଖା ଦାସ, ଇତିଶ୍ରୀ ଜେନା, ତୃପ୍ତିମୟୀ ମକଦ୍ଦମ, ସୁବାସିନୀ ପୃଷ୍ଟି, ସୁବାସିନୀ ବଳ, ସୁଚରିତା ଜେନାମଣି, ସତରୂପା ମିଶ୍ର ପ୍ରମୁଖ ସାମିଲ ଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶା ଦ୍ରୁତ ଅଗ୍ରଗତି ବଜାୟ ରଖିଛି

## ଅଧିକ ୫୪୩ ରାସ୍ତା ଓ ୭୭ ପୋଲ ପ୍ରକଳ୍ପକୁ ରାଜ୍ୟ କମିଟିର ଅନୁମୋଦନ

ଭୁବନେଶ୍ୱର,୧୮।୩ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ(ପିଏମ୍‌ଜିଏସ୍‌ୱାଇ) ଯୋଜନା କାର୍ଯ୍ୟାନ୍ୱୟନରେ ଓଡ଼ିଶା ଦ୍ରୁତ ଅଗ୍ରଗତି ବଜାୟ ରଖିଛି । ୨୦୧୬ରୁ ୨୦୨୦ ମସିହା ପର୍ଯ୍ୟନ୍ତ ଲଗାତର ଭାବେ ଜାତୀୟ ସ୍ତରରେ ୧ ନମ୍ବର ସ୍ଥାନ ହାସଲ କଲାପରେ ଚଳିତ ବର୍ଷ ମଧ୍ୟ ଓଡ଼ିଶା ଏହି ଯୋଜନାର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ହାର ବଜାୟ ରଖିଛି । କୋଭିଡ୍-୧୯ ନୀତିନିୟମର ଅନୁପାଳନ ମଧ୍ୟରେ ଓଡ଼ିଶା ଏହି ଯୋଜନାର ୩ୟ ପର୍ଯ୍ୟାୟ ପ୍ରଥମ ଦଫାରେ ଅନୁମୋଦିତ ହୋଇଥିବା ୩୪୦ ରାସ୍ତା ପ୍ରକଳ୍ପର କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ କରିଛି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକର ଆଲୋଚନାରୁ ଏହା ଜଣାପଡ଼ିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ଼ରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିଶନର ଏବଂ ଗ୍ରାମ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ, ଆର୍ଥିକ ଓ ବୈଷୟିକ ବିଷୟ ସହ ନୂଆ ୫୪୩ଟି ରାସ୍ତା ଓ ୭୭ଟି ପୋଲ ପ୍ରକଳ୍ପ ପ୍ରସ୍ତାବ ଆଲୋଚନା ନିମନ୍ତେ ଉପସ୍ଥାପ କରିଥିଲେ । ପ୍ରକଳ୍ପଗୁଡ଼ିକର ଗୁରୁତ୍ୱକୁ ବିଚାର କରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସେଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇଥିଲେ । ରାସ୍ତା ଓ ପୋଲ ନିର୍ମାଣରେ ଗୁଣାତ୍ମକ ମାନ ରକ୍ଷାସହ ନିର୍ମାଣ ପରବର୍ତ୍ତୀ ସମୟରେ ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱଆରୋପ କରିଥିଲେ । ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ଲଗାତର ଯାଂଚ ଓ ସମୟାନୁସାରେ ରକ୍ଷଣାବେକ୍ଷଣ ନିମନ୍ତେ କାର୍ଯ୍ୟଯୋଜନା ଓ ଆନୁଷ୍ଠାନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଏବଂ ଫଳପ୍ରସୂ କରିବା ପାଇଁ ଶ୍ରୀ ମହାପାତ୍ର ଗ୍ରାମ ଉନ୍ନୟନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ଶ୍ରୀ ଜେନା ଜଣାଇଥିଲେ ଯେ ଉଭୟ ରାଜ୍ୟ ଓ ଜାତୀୟ ସ୍ତରୀୟ ଗୁଣାତ୍ମକମାନ ତଦାରଖ ବ୍ୟବସ୍ଥା ମାଧ୍ୟମରେ ନିର୍ମାଣ କାର୍ଯ୍ୟର ଯାଂଚ କରାଯାଉଛି । ଆଧୁନିକ ଭାଇବ୍ରେଟର ରାସ୍ତାର ଭିତିଭୂମିକୁ ଦୃଢ଼ କରୁଛି ଏବଂ ପେଭର ଯନ୍ତ୍ର ଦ୍ୱାରା ସମଭାବରେ ନିର୍ଦ୍ଧାରିତ ପରିମାଣର ପିଚୁ ପକାଯାଉଛି । ନିର୍ମାଣର ଗୁଣାତ୍ମକମାନ ବିଷୟରେ ମଧ୍ୟ ରାସ୍ତା ବ୍ୟବହାର କରୁଥିବା ଲୋକମାନଙ୍କ ଠାରୁ ମତାମତ ସଂଗ୍ରହ କରାଯାଉଛି । ଗ୍ରାମ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ସୁଦର୍ଶନ ପରିଡ଼ା କହିଥିଲେ ଯେ ବୈଠକରେ ପିଏମ୍‌ଜିଏସ୍‌ୱାଇ-୩ୟ ପର୍ଯ୍ୟାୟ ୨ୟ ଦଫା ନିମନ୍ତେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ୯ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ଜିଲ୍ଲାଗୁଡ଼ିକ ହେଲା ବଲାଙ୍ଗୀର, ଭଦ୍ରକ, ଗଞ୍ଜାମ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼ ଏବଂ ପୁରୀ । ଏହିସବୁ ଜିଲ୍ଲାରେ ୩୪୩୫ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ବିକାଶ କରାଯିବା ସହ ୭୭ଟି ପୋଲ ନିର୍ମାଣ କରାଯିବ । ଏହିସବୁ ପ୍ରକଳ୍ପରେ ପ୍ରାୟ ୨,୨୨୯ କୋଟି ଟଙ୍କା ବିନିଯୋଗ କରାଯିବ । ଉନ୍ନୟନ କମିଶନର ଶ୍ରୀ ଜେନା ଜଣାଇଥିଲେ ଯେ, ବିଭିନ୍ନ ସେବା ଯୋଗାଣକାରୀ ସଂସ୍ଥା, ଅନୁଷ୍ଠାନ, ବଜାର ଓ ଗ୍ରାମ ଆଦିକୁ ସଂଯୋଗ ଭିତିରେ ରାସ୍ତାଗୁଡ଼ିକର ଅଗ୍ରାଧିକାର ତାଲିକା ପ୍ରସ୍ତୁତି ହେଉଛି । ଏହି ତାଲିକା ପୂର୍ଣ୍ଣମାତ୍ରାରେ କମ୍ପ୍ୟୁଟର ଚାଳିତ ସ୍ୱୟଂକ୍ରିୟ ବ୍ୟବସ୍ଥା ମାଧ୍ୟମରେ ସମ୍ପାଦିତ ହେଉଛି । ବର୍ତମାନ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୬୨ ହଜାର କି.ମି. ରାସ୍ତା ଏବଂ ୪୧୨ଟି ପୋଲ ନିର୍ମାଣ ସରିଛି । ଏହିସବୁ ପ୍ରକଳ୍ପରେ ପ୍ରାୟ ୨୭ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ପରିବର୍ତିତ ନିୟମ ଅନୁସାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପ୍ରକଳ୍ପରେ ରାସ୍ତା ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ୬୦.୪୦ ଅନୁପାତରେ ପାଣ୍ଠି ଯୋଗାଉଛନ୍ତି । ଏହାଛଡ଼ା ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ଏବଂ ବିଜୁଳି ଓ ଟେଲିଫୋନ୍ ଆଦିର ସ୍ଥାନାନ୍ତର ନିମନ୍ତେ ଆବଶ୍ୟକ ପାଣ୍ଠି ରାଜ୍ୟ ସରକାର ଯୋଗାଉଛନ୍ତି । ନିର୍ମାଣ ପରବର୍ତୀ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାରଙ୍କ ପାଣ୍ଠିରୁ କରାଯାଉଛି । ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ପୂର୍ତ ବିଭାଗ ଶାସନ ସଚିବ ଡଃ କ୍ରିଷନ୍ କୁମାର, ଗ୍ରାମ ଉନ୍ନୟନ ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଦର୍ଶନ ପରିଡ଼ା, ପି.ଏମ୍.ଜି.ଏସ୍.ୱାଇ.ର ମୁଖ୍ୟଯନ୍ତ୍ରୀ ଶ୍ରୀ ଅକ୍ଷୟ କୁମାର ପ୍ରଧାନ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବକେୟା ସବ୍‌ସିଡି ଅର୍ଥ ପ୍ରଦାନ ଓ ଚାଉଳ ଉଠାଣ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ପତ୍ର

ଭୁବନେଶ୍ୱର,୧୮।୩(ନି.ପ୍ର): କେନ୍ଦ୍ରରୁ ଧାନକିଣା ବାବଦରେ ପାଇବାକୁ ଥିବା ପ୍ରଭିଜନାଲ ଓ ଅଗ୍ରୀମ ସବ୍‌ସିଡି ଅର୍ଥ ଠିକ୍ ସମୟରେ ମିଳୁ ନଥିବାରୁ ରାଜ୍ୟରେ ଧାନ ସଂଗ୍ରହ କରୁଥିବା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଘୋର ଆର୍ଥିକ ସଙ୍କଟରେ ସମ୍ମୁଖୀନ ହୋଇଛି । ଅଦ୍ୟାବଧି ଯୋଗାଣ ନିଗମକୁ ଧାନ ସଂଗ୍ରହ ନିମନ୍ତେ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୧୯ ହଜାର କୋଟି ଟଙ୍କା ଋଣ କରିବାକୁ ପଡ଼ିଛି । ଏହି ପରିପ୍ରେକ୍ଷୀରେ ପ୍ରଭିଜନାଲ ଏବଂ ଅଗ୍ରୀମ ସବ୍‌ସିଡି ବାବଦକୁ ରାଜ୍ୟ ପାଇବାକୁ ଥିବା ୫,୬୧୬ କୋଟି ଟଙ୍କା ବକେୟା ଅର୍ଥକୁ ତୁରନ୍ତ ପ୍ରଦାନ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ଶ୍ରୀ ପିୟୁଷ ଗୋୟଲଙ୍କୁ ପତ୍ର ଲେଖିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କଷ୍ଟମ ମିଲିଂ ଚାଉଳ ଯୋଗାଣ ବାବଦରେ ଓଡ଼ିଶାରେ ୩୦ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଚାଉଳର ଆକଳନ ରହିଛି ଯାହାକି ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଚଳିତ ଖରିଫ୍ ବିପଣନ ଋତୁରେ ରାଜ୍ୟରୁ ଉଠାଣ କରିବାର ଆବଶ୍ୟକତା ରହିଛି । ମାତ୍ର ଭାରତୀୟ ଖାଦ୍ୟ ନିଗମ ଅଦ୍ୟାବଧି ମାତ୍ର ୬.୮୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଣ କରିଛି । ଚଳିତ ମାସ ନିମନ୍ତେ ଏଫ୍‌ସିଆଇ ଓଡ଼ିଶା ରିଜିଅନ୍‌ର, ରାଜ୍ୟରୁ ବହୁ କମ୍ ପରିମାଣର ଚାଉଳ ଉଠାଣର ବ୍ୟବସ୍ଥା ରହିଛି । ଯେଉଁ ହାରରେ ରାଜ୍ୟରୁ ଚାଉଳ ଉଠାଣ ହେଉଛି, ସେଥିରେ ଧାର୍ଯ୍ୟ କରାଯାଇଥିବା ସମୟସୀମା ମଧ୍ୟରେ ଆଶା କରାଯାଉଥିବା ଚାଉଳ ଉଠାଣ କରିବା ଅତ୍ୟନ୍ତ କଷ୍ଟକର ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି । ଠିକ୍ ସମୟରେ ଚାଉଳ ଉଠାଣ ନହେବା ଫଳରେ ରାଜ୍ୟର ଚାଉଳ ଗୋଦାମର କ୍ଷମତା ଉପରେ ଗମ୍ଭୀର ପ୍ରଭାବ ପଡ଼ିବ ଏବଂ କଷ୍ଟମ ମିଲରମାନଙ୍କ ଠାରୁ ଠିକ୍ ସମୟରେ ଚାଉଳ ପାଇବାରେ ବାଧା ସୃଷ୍ଟି ହେବ । ପ୍ରକାରାନ୍ତରେ ଏହା ଚଳିତ ରବି ଋତୁରେ ଏବଂ ପରବର୍ତୀ ଖରିଫ୍ ଋତୁରେ ରାଜ୍ୟରେ ସୁରୁଖୁରରେ ଧାନ ସଂଗ୍ରହ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପତ୍ରରେ ଉଲ୍ଲେଖ କରିଛନ୍ତ । ତେଣୁ କେନ୍ଦ୍ରମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଉପରୋକ୍ତ ସମସ୍ୟାର ଆଶୁ ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି ଯେପରି ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ।


# Paper Notification of Inquiry

ASBI/HR&GA/2020-2021/0143
March 13, 2021
**MR. Bhabanee Sankar Pattanaik**
At. Goba, Po-Pratapur,
Dist.- Ganjam Berhampur,
Odissa - 761019
Mr. Bhabanee,

## NOTIFICATION OF INQUIRY –FINAL

This refers to charge sheet dated 2nd February, 21 followed by inquiry proceedings held on 12th February,21,25th February 21,and 9th March 21.
You were sent all communications by Register Post and also by email as per the practice of the company. The Communications sent to you have been received as per postal track record and email outlook marking indicating having seen mail. In spite of all communications, you have not availed the opportunities accorded to you to defend your case. You failed to remain present and participate for the reasons best known to you. Nor have you sent any communications giving justifiable reasons for your absence. The Management has taken all precautions from Safety of workmen as per guidelines of Government on Pendemic and all other workmen outside Maharashtra have returned and started working following guidelines.

Under this circumstances, having no option left out and giving you all opportunities to defend yourself, Mr. Arvind Budhkar Enquiry Officer, has discharged company's witness and now he has kept inquiry on 23rd March 2021 at 2 p.m. in the Office premises of the factory situated at Plot No E 9 & E 44, MIDC Additional Ambernath, Anand Nagar, Ambernath – East, PIN - 421506. On said date you will have to defend your case examining yourself in defence. Should you fail to remain and participate in the inquiry examining yourself in defence, it will be presumed that you have no interest to defend your case inquiry and the inquiry proceedings initiated in respect of charge sheet issued, shall be closed and concluded which please note.

This letter is also sent to by Registered Speed Post and Email as per practice as well as on your whats app no and shall be deemed to have been served.

Yours faithfully,
For ASB INTERNATIONAL PVT.LTD.
YOGESH MAHAJAN
DY.GENERAL MANAGER-HR & GA


# ସମବାୟ ସମିତିରେ ଖାଲି ପଡ଼ିଛି ୪୫୭ ସ୍ଥାୟୀ ସମ୍ପାଦକ ପଦବୀ

ଭୁବନେଶ୍ୱର,୧୮।୩ (ନି.ପ୍ର): ବର୍ତମାନ ସୁଦ୍ଧା ୪୫୭ଟି ପ୍ରାଥମିକ ସେବା ସମବାୟ ସମିତିରେ ସ୍ଥାୟୀ ସମ୍ପାଦକ ପଦବୀ ଖାଲି ରହିଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ପ୍ରକାଶ କରିଛନ୍ତି । ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ତାରକା ଚିହ୍ନିତ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ରାଜ୍ୟରେ ବର୍ତମାନ ୨୭୧୦ ସମବାୟ ସମିତି କାର୍ଯ୍ୟ କରୁଛି । ଏହି ସଂସ୍ଥା ଗୁଡିକ କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ (କୃଷି ଋଣ ବିତରଣ, ସରକାରୀ ସରରେ ସାର ଓ ବିହନ ବିକ୍ରୟ, କୃଷି ଉତ୍ପାଦନ) ସମ୍ପାଦନ କରିଥାନ୍ତି । ସମିତିର ମୁଖ୍ୟ ଭାବେ ପ୍ୟାକ୍ସ ଗୁଡିକରେ ସମ୍ପାଦକ ଓ ଲ୍ୟାମ୍ପସ୍ ଗୁଡିକରେ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥାନ୍ତି । ସମିତିରେ ନିୟମିତ ସମ୍ପାଦକ ବା ନିର୍ଦ୍ଦେଶକ ନଥିବା ପ୍ରାଥମିକ ସେବା ସମବାୟ ସମିତିରେ ସହ ସମ୍ପାଦକ କିମ୍ବା ନିକଟସ୍ଥ ସମବାୟ ସମିତିର ସମ୍ପାଦକ ଅତିରିକ୍ତ କାର୍ଯ୍ୟଭାର ନେଇ କାର୍ଯ୍ୟ କରୁଛନ୍ତି । ଖାଲି ପଦବୀ ପୂରଣ ପାଇଁ କାର୍ଯ୍ୟରତ ଥିବା ଅସ୍ଥାୟୀ ସମ୍ପାଦକ ମାନଙ୍କୁ ପଦୋନ୍ନତି ମାଧ୍ୟମରେ ସ୍ଥାୟୀ ନିଯୁକ୍ତି ଦେବା ନିମନ୍ତେ ନିବନ୍ଧକ ସମବାୟ ସମିତି ସମ୍ମୁହ ଓଡିଶାଙ୍କ ଗାଇଡ୍ ଲାଇନ୍ ରେ ଥିବା ସମ୍ପାଦକ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ଅନୁପାଳନ ନିମନ୍ତେ ଉଲ୍ଲେଖ ରହିଛି ।

## ବ୍ରହ୍ମପୁରର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ଗଞ୍ଜାମ,୧୮।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ପ୍ରଶାସନ ଓ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଆସନ୍ତା ୧୯ ତାରିଖରେ ଏଥିପାଇଁ ବୁଢ଼ୀ ଠାକୁରାଣୀଙ୍କ ନିକଟରେ ଶୁଭ ଖୁଂଟି ପୂଜା କରାଯାଇ ଏହାକୁ ଏକ ବିରାଟ ପଟୁଆରରେ ଆଣି ଦେଶି ବେହେରାଙ୍କ ଘର ସମ୍ମୁଖରେ ସ୍ଥାପନ କରାଯିବ । ଶୁଭ ଖୁଂଟି ସ୍ଥାପନ ପରେ ପ୍ରଶାସନର ଅନୁମତି କ୍ରମେ ଚଳିତ ବର୍ଷ ମାତ୍ର ୭ ଦିନ ପାଇଁ ଏହି ଯାତ୍ରା ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି ।

# ତାଳଚେର ଥର୍ମାଲ ବନ୍ଦ ସଂପର୍କରେ ଏକ ଉଚ୍ଚ ସ୍ତରୀୟ ବୈଠକ ଡକାଯିବ ବୋଲି ଶକ୍ତିମନ୍ତ୍ରୀ ଓ ଶ୍ରୀ ଦେଓଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୧୮।୩ (ନି.ପ୍ର): ସାରା ଭାରତ ବର୍ଷରେ ସବୁଠୁ ଅଧିକ ଭଲ ଉତ୍ପାଦନ କରୁଥିବା ଏବଂ ନିରାପତା ନିୟମକୁ କଡ଼ାକଡ଼ି ପାଳନ କରୁଥିବା ଏନ୍.ଟି.ପି.ସି. ତାଳଚେର ଥର୍ମାଲକୁ କୌଣସି ଚୁକ୍ତିଚୁକ୍ତ କାରଣ ନଥାଇ ଆଗାମୀ ଅପ୍ରେଲ ୧ ତାରିଖ ଠାରୁ ତାଲା ବନ୍ଦ ଘୋଷଣା କରିବା ଏବଂ ୧୩୨୦ ମେଗାୱାଟର ୨ଟି ୟୁନିଟ୍ ପାୱାର ପ୍ଲାଂଟ ପାଇଁ ୧୦ ହଜାର କୋଟି ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭାରତ ହେଭି ଇଲେକ୍ଟ୍ରାକଲ କଂପାନୀକୁ ଟେଣ୍ଡର ଦିଆଯାଇଥିଲେ ମଧ୍ୟ ତାଳଚେର ଆରମ୍ଭ ନ କରିବା ଫଳରେ ପ୍ରତ୍ୟକ୍ଷ ଭାବରେ ୧୬୦୦ ଠିକା ଶ୍ରମିକ ୬୫୦ ସ୍ଥାୟୀ କର୍ମଚାରୀ ଏବଂ ପରୋକ୍ଷ ଭାବରେ ୨୦ ହଜାର ଶ୍ରମିକ ଏବଂ ୬ ଟି ଗ୍ରାମ ପଂଚାୟତରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହେବେ । ଏହି ନିଷ୍ପତି ବିରୋଧରେ ଆଜି ତାଳଚେରରୁ ଆସିଥିବା ହଜାର ହଜାର ଶ୍ରମିକ କର୍ମଚାରୀ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଲୋୟର ପି.ଏମ୍.ଜି ଛକ ପର୍ଯ୍ୟନ୍ତ ଏକ ଶୋଭଯାତ୍ରାରେ ଆସିଥିଲେ । ପି.ଏମ.ଜି ଛକ ଆଗରେ ଅନୁଷ୍ଠିତ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ପୌରହିତ କରି ଏନ୍.ଟି.ପି.ସ୍ ତାଳଚେର ଥର୍ମାଲର କାର୍ଯ୍ୟ ଚାଲୁ ରଖିବା ଏବଂ ୧୩୨୦ ମେଗାୱାର କାରଖାନା ନିର୍ମାଣ କରିବା ପାଇଁ ଦାବୀ କରିଥିଲେ । ଏ.ଆଇ.ଟି.ୟୁ.ସିର - ରାମକୃଷ୍ଣ ପଣ୍ଡା, ସି.ଆଇ.ଟି.ୟୁ - ଜନାର୍ଦ୍ଦନ ପତି, ଏଚ.ଏମ୍.ଏସ୍. - ବି.ପି.ଦାସ, ୟୁ.ଟି.ୟୁ.ସି - ଜୟସେନ ମେହେର, ଏ.ଆଇ.ସି.ସି.ଟି.ୟୁ - ରାଧାକାନ୍ତ ସେଠୀ, ଟି.ୟୁ.ସି.ସିର - ଜ୍ୟୋତି ରଂଜନ ମହାପାତ୍ର, ଶ୍ରୀ ବିଷ୍ଣୁ ମୋହନ ରଥ, ଦିଗମ୍ବର ଗଡ଼ନାୟକ, ଉପେନ୍ଦ୍ର ଶର୍ମା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପରିଶେଷରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଶିଳ୍ପ, ଶକ୍ତି ମନ୍ତ୍ରୀ ଓ ଗୃହ ମନ୍ତ୍ରାଳୟରେ ଥିବା ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ତାଙ୍କର ବାସ ଭବନରେ ଭେଟି ସ୍ମାରକ ପତ୍ର ଦେଇଥିଲେ । ମନ୍ତ୍ରୀମୋହଦୟ ଏ ସଂପର୍କରେ ଖୁବ୍ ଶୀଘ୍ର ଏକ ଉଚ୍ଚ ସ୍ତରୀୟ ବୈଠକ ଡ଼ାକି ଏ ସଂପର୍କରେ ଆଲୋଚନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଥିରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ପ୍ରତିନିଧି ଓ ସ୍ଥାନୀୟ ୟୁନିଅନମାନଙ୍କୁ ଡକାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରମିକ ଏକତା ମଂଚ ତରଫରୁ - ସଭାପତି - ବିନୋଦ କୁମାର ସାମଲ, ଉପସଭାପତି - ଶ୍ରବଣ କୁମାର ସାମଲ, କାର୍ଯ୍ୟକାରୀ ସଭାପତି - ପ୍ରଦିପ ସାମଲ, ସାଧାରଣ ସଂପାଦକ - ବିନୋବା ନନ୍ଦ ତ୍ରିପାଠୀ, ସହାକାରୀ ସଂପାଦକ - କାଳିଆ ନାଥ ପ୍ରମୁଖ ଏହି ଶୋଭା ଯାତ୍ରାରେ ଉପସ୍ଥିତ ଥିଲେ । ଏଥିରେ ୧୦୦ ରୁ ଉର୍ଦ୍ଧ୍ୱ ମହିଳା କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରାକୁ ସାଂଗଠନିକ ଭାବରେ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ପରିଚାଳନା କରିବା ସହିତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଅଭିଭାଷଣ ରଖିଥିଲେ । କିପରି ଆଗାମୀ ଦିନରେ ପ୍ଲାଂଟଟିକୁ ବନ୍ଦ ନ କରି ଯଥାଶିଘ୍ର ନୂତନ ପାଂଟ କାର୍ଯ୍ୟ ଆରମ୍ଭ କରିବା ପାଇ ଯୁକ୍ତି ଉପସ୍ଥାପନ କରିଥିଲେ ।

# ଗରମରୁ ନିସ୍ତାର ଚାହୁଁଛନ୍ତି, ବୁଲିଯାଆନ୍ତୁ ଏହି ସବୁ ସ୍ଥାନ...

ଦିନକୁ ଦିନ ପାରଦ ଉପରକୁ ବଢୁଥିବା ବେଳେ ଖରା ତାତିରେ ଅତିଷ୍ଠ ହୋଇପଡୁଛନ୍ତି ଲୋକେ। ଏଥିରୁ ନିସ୍ତାର ପାଇବା ଲାଗି ଅଧିକାଂଶ ଲୋକ ଛୁଟି କାଟିବାକୁ ବିଭିନ୍ନ ଥଣ୍ଡା ଜାଗାକୁ ଯିବାକୁ ପସନ୍ଦ କରୁଛନ୍ତି । ଏଥିନିମନ୍ତେ ସମସ୍ତେ ଶିମଲା, ମନାଲି, ଜମ୍ମୁ କଶ୍ମୀର ପରି ଜାଗାକୁ ପ୍ରଥମ ପସନ୍ଦ ଭାବେ ସ୍ଥିର କରୁଛନ୍ତି। ଏହାଦ୍ୱାରା ଉକ୍ତ ସ୍ଥାନରେ ଭିଡ଼ ଜମିବା ସହ ଆପଣ ସେଠାକାର ପ୍ରାକୃତିକ ମନଲୋଭା ପରିବେଶର ଭରପୁର ମଜା ନେଇପାରନ୍ତି ନାହିଁ। ଆଜି ଆମେ ଏପରି କିଛି ସ୍ଥାନ ବିଷୟରେ କହିବୁ ଯାହାକୁ ଥରେ ଦେଖିଲେ ଆପଣ ସେଠାରୁ ଆସିବାକୁ ଇଚ୍ଛା କରିବେ ନାହିଁ। ହେଲେ ଏହା ସମସ୍ତଙ୍କ ଅଗୋଚରରେ ରହିଯାଇଛି।





### ହେମକୁଣ୍ଡ ସାହିବ

ଉତ୍ତରାଖଣ୍ଡର ଚମେଲି ଜିଲାରେ ଏହି ତୀର୍ଥକ୍ଷେତ୍ର ମହଜୁଦ ରହିଛି। ଯାହା ହେମକୁଣ୍ଡ ସାହିବ ନାମରେ ପରିଚିତ। ଏହାର ଚତୁଃପାର୍ଶ୍ୱକୁ ଗ୍ଲେସିୟର ହ୍ରଦ ଘେରି ରହିଛି। ଏପରି ସ୍ଥାନକୁ ଆସିବାକୁ ଲୋକଙ୍କୁ କିନ୍ତୁ କଷ୍ଟ କରିବାକୁ ପଡ଼ିଥାଏ। ଏଥିନିମନ୍ତେ ସେମାନଙ୍କୁ ୧୩ କି.ମି ପାଦରେ ଚାଲିବାକୁ ପଡ଼ିଥାଏ, ନ ହେଲେ ଘୋଡ଼ା ପିଠିରେ ବସିକି ଯିବାକୁ ପଡେ। ଶୀତ ଋତୁରେ ଏହି ଅଞ୍ଚଳକୁ ବରଫର ଆସ୍ତରଣ ଆଚ୍ଛାଦିତ କରିଥାଏ। ତେଣୁ ଖରା ଦିନେ ଏଠାକୁ ଆସିଲେ ଆପଣ ଗରମରୁ ନିସ୍ତାର ପାଇବା ସହ ଭରପୁର ମଜା ଉଠାଇ ପାରିବେ।

### ହେମିସ

ଦୁଃସାହସିକତା ସହିତ ସୌନ୍ଦର୍ଯ୍ୟର ଅପୂର୍ବ ମିଳନ ହେଉଛି ହେମିସ୍। ଲଦାଖ୍‌ରେ ଥିବା ଏହି ଜାଗା ବହୁତ ଲୋକପ୍ରିୟ ଅଟେ। ଭାରତର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ, କଶ୍ମୀର ନିକଟରେ ଏହି ଜାଗାକୁ ଥରେ ଯିଏ ଆସିଛି, ସେ ପ୍ରକୃତିକୁ ପାଖରୁ ଦେଖିବାର ସୁଯୋଗ ପାଇଛି। ଏହାର ତାପମାତ୍ରା ବହୁତ କମ୍ ରୁହେ। ଫଳରେ ଆପଣ ଏଠାକୁ ଖରା ଦିନେ ଆସିଲେ ପୁରା ଥଣ୍ଡା ଥଣ୍ଡା ଅନୁଭବ କରିବେ।

### କାରଗିଲ୍

ଜମ୍ମୁ କଶ୍ମୀରରେ ଅବସ୍ଥିତ କାରଗିଲ୍ ଦୁନିଆର ସବୁଠୁ ଥଣ୍ଡା ସ୍ଥାନ ମଧ୍ୟରୁ ଅନ୍ୟତମ। ସିନ୍ଧି ନଦୀ କୂଳରେ ଅବସ୍ଥିତ ଏହି ସ୍ଥାନର ତାପମାତ୍ରା ଶୀତ ଦିନେ -୪୮ ଡିଗ୍ରୀରେ ପହଞ୍ଚିଯାଏ। ତେଣୁ ଗରମ ଦିନରେ ବି ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହୁଏ।

### ଲେହ

ଲଦାଖର ରାଜଧାନୀ ଲେହ ଅପୂର୍ବ ସୌନ୍ଦର୍ଯ୍ୟର ଗନ୍ତାଘର। ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ଆପଣା ଛାଏଁ ଭାବେ ଟାଣି ହୋଇ ଆସିଥାନ୍ତି। ଏହାର ସଂସ୍କୃତି, ପରମ୍ପରା ସହ ପରିଚିତ ହେବା ସହ ଏଠାକୁ ଆସୁଥିବା ଲୋକେ ନିକଟରେ ଥିବା ବହୁ ଛୋଟବଡ଼ ପର୍ଯ୍ୟଟନ ସ୍ଥଳୀର ମଜା ନିଅନ୍ତି। ବର୍ଷ ସାରା ଏଠାରେ ତାପମାତ୍ର ୭ ଡିଗ୍ରୀରୁ ଅଧିକ ରହୁନଥିବା ସ୍ଥାନୀୟ ଅଞ୍ଚଳବାସୀ କହିଥାନ୍ତି। ଶୀତ ଦିନେ ଏହି ତାପମାତ୍ରା ଆହୁରି ଖସିଯାଏ।

## ଆସନ୍ତୁ ଘରେ ମାଲପୁଆ ବନେଇବା

ମାଲପୁଆ ସମସ୍ତଙ୍କୁ ପସନ୍ଦ। ଯଦି ଆପଣଙ୍କ ଘରେ କୁଣିଆ ଅଛନ୍ତି, ତା'ହେଲେ ମାଲପୁଆ ଖୁଆଇ ସମସ୍ତଙ୍କୁ ମୁହଁ ମିଠା କରାନ୍ତୁ। ଏହାଛଡ଼ା ନିଜ ପଡ଼ୋଶୀମାନଙ୍କୁ ମଧ୍ୟ ମାଲପୁଆ ଦେଇପାରିବେ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ ।

**ଆବଶ୍ୟକ ସାମଗ୍ରୀ-**

-୨୫୦ ଗ୍ରାମ ଗହମ ଅଟା

-୧୦୦ ଗ୍ରାମ କ୍ଷୀର

-୧୦୦ ଗ୍ରାମ ଚିନି

-୪ ଟି-ସ୍ପୁନ୍ ଦେଶୀ ଘିଅ

**ପ୍ରସ୍ତୁତି ପ୍ରଣାଳୀ-**

♦ପ୍ରଥମେ ଗୋଟିଏ ପାତ୍ରରେ କ୍ଷୀର ଏବଂ ଚିନି ପକାନ୍ତୁ। ଚିନି କ୍ଷୀରରେ ମିଶିଯିବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ।

♦ଏହାପରେ ସେଥିରେ ଧୀରେ ଧୀରେ ଅଟା ମିଶାନ୍ତୁ ଏବଂ ମିଶ୍ରଣକୁ ଘାଣ୍ଟୁଥାନ୍ତୁ। ଧ୍ୟାନ ରଖିବେ ଯେପରି ମିଶ୍ରଣରେ କୌଣସି ବିଣ୍ଡା ରହି ନ ଯାଉ।

♦ଯେପର୍ଯ୍ୟନ୍ତ ମିଶ୍ରଣ ଚିକଣ ନ ହେଉଛି ଲଗାତର ଫେଣ୍ଟୁଥାନ୍ତୁ। ଯେତେ ଫେଣ୍ଟିବେ ମିଶ୍ରଣ ସେତେ ଭଲ ହେବ।

♦ଏବେ ପ୍ୟାନରେ ରିଫାଇନ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେଇଗଲା ପରେ ଗୋଟିଏ ବଡ଼ ଚାମଚରେ ମିଶ୍ରଣ ନେଇ ମାଲପୁଆ ଆକାର ଦେଇ ସିଧା ଗରମ ତେଲରେ ପକାନ୍ତୁ ଓ ଚାରି କଡ଼ରୁ ତେଲ ଚହଲାଇ ଚହଲାଇ ଛାଣନ୍ତୁ।

♦ମାଲପୁଆ ଦୁଇ ପଟରୁ ବ୍ରାଉନ୍ ହୋଇଯିବା ପରେ ଏହାକୁ ଛାଣି ପ୍ଲେଟରେ ରଖନ୍ତୁ।

♦ଆପଣ ଏଥିରେ ରାବିଡି ଢାଳି ଖାଇଲେ ଖୁବ୍ ସୁଆଦିଆ ଲାଗିବ।

♦ନଚେତ୍ ଆପଣ ଚିନି ସିରା ପ୍ରସ୍ତୁତ କରି ମାଲପୁଆ ଉପରେ ଢାଳି ମଧ୍ୟ ଖାଇପାରିବେ। ସିରାରେ ଅଳେଇଚ ଏବଂ କେସର ମିଶାଇଲେ ଏହାର ବାସ୍ନା ଆଉ ସ୍ୱାଦ ଆହୁରି ବଢ଼ିଯିବ।



## ଜାଣନ୍ତୁ, କେଉଁ ଦିଗକୁ ମୁହଁ କରି ପିଇବେ ପାଣି ?

ନିଜ ସ୍ୱପ୍ନର ଘର ନିମନ୍ତେ ସମସ୍ତେ ବହୁ କଷ୍ଟ ସ୍ୱୀକାର କରିଥା'ନ୍ତି। ଘର ମଧ୍ୟରେ ହସଖୁସିରେ ପରିବାର ସହ ସମୟ ଅତିବାହିତ କରିବେ ବୋଲି ଭାବିଥାନ୍ତି। ହେଲେ ବେଳେ ଅଚାନକ ବିନା କୌଣସି କାରଣରେ ଘରେ ଅଶାନ୍ତି ସୃଷ୍ଟି ହୁଏ। ପରିବାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେବା ସହ ଶରୀର ଅସୁସ୍ଥ ରୁହେ। ଏଥିସହ ଧନହାନୀ ମଧ୍ୟ ହୋଇଥାଏ। ହୁଏତ ଏହା ପଛରେ ବାସ୍ତୁଦୋଷ ମୁଖ୍ୟ କାରଣ ହୋଇଥାଇପାରେ। ତେଣୁ ଘରେ ସାମାନ୍ୟ ବାସ୍ତୁ ଟିପ୍ସ ଫଲୋ କଲେ ଏହାର ସକାରାତ୍ମକ ପ୍ରଭାବ ନିଜ ଉପରେ ତଥା ପରିବାର ଉପରେ ପଡ଼ିଥାଏ। ଫଳରେ ବହୁ ବଡ଼ ବଡ଼ ସମସ୍ୟା ଚୁଟକିରେ ସମାଧାନ ହୋଇଯାଏ। ଆଜି ଆସନ୍ତୁ ଜାଣିବା ଏପରି କିଛି ଛୋଟ ଛୋଟ ବାସ୍ତୁ ଟିପ୍ସ ବିଷୟରେ।



■ ଘରର ମୁଖ୍ୟ କବାଟ ସବୁବେଳେ ବାସ୍ତୁ ଅନୁଯାୟୀ ନିର୍ମାଣ ହେବା ଦରକାର। ମୁଖ୍ୟ କବାଟ ସବୁବେଳେ ଭିତର ପଟକୁ ଯେପରି ଖୋଲିବ, ତାହାର ବ୍ୟବସ୍ଥା କରିବା ଦରକାର। ଏହାଦ୍ୱାରା ଘରର ଏନର୍ଜି ବା ଶକ୍ତି ଘର ମଧ୍ୟରେ ହିଁ ରହିଥାଏ ବୋଲି ବିଶ୍ୱାସ ରହିଛି। ଏହାବ୍ୟତୀତ କବାଟ ଖୋଲିବା ସମୟରେ ଯେପରି ତାହା ଶବ୍ଦ ନ କରେ, ସେଥିପ୍ରତି ଦୃଷ୍ଟି ଦେବା ଉଚିତ।

■ ଆପଣଙ୍କ ରୁମ୍ ମଧ୍ୟରେ ଯଦି ବିମ୍ ଯାଇଛି, ତେବେ ଧ୍ୟାନ ରଖିବେ ଯେପରି ବିମ୍ ତଳେ ବେଡ ନ ପଡ଼େ। ଏହା ସ୍ୱାସ୍ଥ୍ୟ ପାଇଁ ଶୁଭ ନୁହେଁ।

■ ଘର ନିର୍ମାଣ ବେଳେ ଧ୍ୟାନ ରଖିବେ ଯେପରି କୌଣସି ରୁମ୍‌ର ୫ଟି କୋଣ ନ ରୁହେ। ଯଦି ଏପରି ହୋଇଯାଇଛି, ତେବେ ନିଜ ଘରକୁ ଦୁଷ୍ଟ ଶକ୍ତି କବଳରୁ ରକ୍ଷା କରିବାକୁ ଆପଣ ବାଉଁଶର ଏକ ବଂଇଶୀକୁ ଘରେ ଝୁଲାଇ ଦିଅନ୍ତୁ।

■ ଘରେ ଥିବା ଆଲମିରା ଓ ବେଡ୍ ଘରର ଦକ୍ଷିଣ-ପଶ୍ଚିମ କାନ୍ଥକୁ ଲାଗିକି ରହିବା ଉଚିତ। ଏପରି ରଖିବେ ଯେପରି ଉତ୍ତର-ପୂର୍ବ ଦିଗରୁ ଅଳ୍ପ ଦୂରତା ବଜାୟ ରହୁଥିବ।

## ଏହି କାରଣ ପାଇଁ ଜେଲ୍‌କୁ ବିଳାସପୂର୍ଣ୍ଣ ହୋଟେଲ୍‌ରେ ପରିଣତ କରୁଛି ନେଦରଲାଣ୍ଡ



କିଏ କିଏ ଜେଲକୁ ନର୍କ କହିଥାନ୍ତି ତ ଆଉ କିଏ କାଳ କୋଠରୀର ଆଖ୍ୟା ଦେଇଥାନ୍ତି । ଅପରାଧୀଙ୍କୁ ଦଣ୍ଡ ସ୍ୱରୂପ ଜେଲରେ ବନ୍ଦୀ କରି ରଖାଯାଏ । କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି ଏକ ଦେଶର ଜେଲ ବିଷୟରେ କହିବୁ, ଯାହା ଏବେ ହୋଟେଲରେ ପରିଣତ ହେବାରେ ଲାଗିଛି । ଭାରତ ଏବଂ ଆମେରିକା ସମେତ ଅନ୍ୟ କିଛି ଦେଶର ଜେଲ ଗୁଡିକରେ କ୍ଷମତାଠାରୁ ଅଧିକ କଏଦୀ ବନ୍ଦୀ ହୋଇରହିଛନ୍ତି । କିନ୍ତୁ ନେଦରଲାଣ୍ଡ ଏମିତି ଏକ ଦେଶ ବନିବାକୁ ଯାଉଛି, ଯେଉଁଠି ପ୍ରାୟତଃ ସବୁ ଜେଲ୍ ବନ୍ଦ ହେବାକୁ ଯାଉଛି । ଆସନ୍ତୁ ଜାଣିବା କ'ଣ ରହିଛି ଏହା ପଛର କାରଣ । ନେଦରଲାଣ୍ଡରେ ଜେଲ ବନ୍ଦ ହେବାର କାରଣ ହେଉଛି ଅପରାଧ ହାର କମ୍ । ଏହା ସହ ଯଦି କୌଣସି ଅପରାଧୀ ଜେଲ୍ ଯାଏ, ତେବେ ତାଙ୍କୁ ଯଥାଶୀଘ୍ର ଜେଲରୁ ବାହାର କରାଯାଇ ସମାଜର ମୁଖ୍ୟସ୍ରୋତରେ ଯୋଡ଼ିବାର ଅଭିଯାନ ଆରମ୍ଭ ହୋଇଯାଏ । ଆଉ ଏହି କାରଣରୁ ନେଦରଲାଣ୍ଡରେ ପାଖାପାଖି ସବୁ ଜେଲ୍ ବନ୍ଦ ହୋଇସାରିଲାଣି । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଏଠାରେ ପ୍ରତି ୧ ଲକ୍ଷ ଜନବସତିରେ ମାତ୍ର ୬୧ ଜଣ ଲୋକ ହିଁ ଅପରାଧ କରିଥାନ୍ତି । ଆଉ ଏହି ଅପରାଧୀଙ୍କ ଉପରେ କୌଣସି ଗମ୍ଭୀର ଅଭିଯୋଗ ମଧ୍ୟ ନଥାଏ । ନେଦରଲାଣ୍ଡରେ ବର୍ତ୍ତମାନ ଜନସଂଖ୍ୟା ପାଖାପାଖି ୧.୭୩ କୋଟି । ତେବେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଆକଳନ କରାଯାଉଛି ଯେ, ୨୦୨୩ ସୁଦ୍ଧା ସମଗ୍ର ଦେଶରେ ପାଖାପାଖି ୯,୮୧୦ଜଣ ଅପରାଧୀ ରହିପାରନ୍ତି । ସବୁଠାରୁ ବଡ଼ କଥା ହେଉଛି, ଅନେକ ଜେଲ୍ ଗୁଡିକ ବନ୍ଦ ହୋଇଯାଇଥିବା ବେଳେ, ଏବେ ଜେଲ୍ ଗୁଡିକୁ ବିଳାସପୂର୍ଣ୍ଣ ହୋଟେଲରେ ପରିଣତ କରାଯାଉଛି ।

## ଖରାଦିନେ ହାତ ଗୋଡ଼ କଳା ପଡ଼ିଥିଲେ ଆପଣାନ୍ତୁ ଏହି ଉପାୟ



ଏବେ ଖରା ବହୁତ ଜୋରରେ ହେଉଛି। ଆପଣ ଖରାରେ ନିଶ୍ଚୟ ବାହାରକୁ ଯାଇ କାମ କରୁଥିବେ। ଖରା ଦିନେ ମହିଳାମାନଙ୍କର ସବୁଠୁ ବଡ଼ ସମସ୍ୟା ହେଲା ହାତ ଗୋଡ଼ କଳା ପଡ଼ିଯିବା । ଏଥିପାଇଁ ଅନେକ ମହିଳା ଘରୁ ବାହାରକୁ ମଧ୍ୟ ବାହାରନ୍ତି ନାହିଁ।

ଏବେ କିନ୍ତୁ ଆପଣ ଅଚିନ୍ତାରେ ବାହାରକୁ ଯାଇ କାମ କରିପାରିବେ। କାରଣ ଏବେ ହାତ ଗୋଡ଼ କଳା ପଡ଼ିବା ସମସ୍ୟାରୁ କିପରି ମୁକ୍ତି ପାଇବେ ସେ ବିଷୟରେ ଆମେ କହିବୁ। ଏହାକୁ ଲଗାଇଲେ ଆପଣ ନିଜେ ହିଁ ତ୍ୱଚାରେ ଫରକ୍ ଦେଖିପାରିବେ। ତେଣୁ ଜାଣନ୍ତୁ ଏହାକୁ କିପରି ପ୍ରସ୍ତୁତ କରି ବ୍ୟବହାର କରି ପାରିବେ।

ପ୍ରଥମେ ଏକ ପାତ୍ରରେ ଲେମ୍ବୁ ରସ ନିଅନ୍ତୁ। ସେଥିରେ ଟମାଟୋ ରସ ଏବଂ ENO ପକାଇ ଗୋଳାଇ ଦିଅନ୍ତୁ। ଏହି ପ୍ୟାକ୍ ?କୁ ଆପଣ କଳା ପାଡ଼ିଥିବା ସ୍ଥାନରେ ଲଗାଇ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ଧୋଇ ଦିଅନ୍ତୁ। ଏହି ପରି କଲେ ଆପଣ ନିଶ୍ଚୟ ପୂର୍ବ ଅପେକ୍ଷା ଅଧିକ ସଫା ଦେଖାଯିବେ ।

ମନେରଖନ୍ତୁ, ରଘଡ ପଡ଼ିଥିବାରୁ ଏହାକୁ ମୁହଁରେ ଲଗାନ୍ତୁ ନାହିଁ। ଏହାକୁ ଆପଣ ହାତ ଗୋଡ଼, ବେକ, ଆଣ୍ଠୁ, ଗୋଇଠି ଇତ୍ୟାଦିରେ ଲଗାଇ ପାରିବେ। ବିଭିନ୍ନ ଲୋକଙ୍କର ତ୍ୱଚା ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ହୋଇଥାଏ। ଏହା ସମସ୍ତଙ୍କ ତ୍ୱଚାରେ ସଠିକ୍ କାମ କରିବ ନା ନାହିଁ ତାହା ଆପଣଙ୍କ ଉପରେ ନିର୍ଭର କରେ। ତେଣୁ ଆପଣ ଏହାକୁ ଗୋଡ଼ର କିଛି ସ୍ଥାନରେ ଲଗାଇ ପରିକ୍ଷା କରନ୍ତୁ। ଯଦି ଆପଣଙ୍କ ତ୍ୱଚା ଜଳା ପୋଡ଼ା ବା କୁଣ୍ଡାଇ ହେଉ ନାହିଁ। ତାହାଲେ ଆପଣ ଏହାକୁ ବ୍ୟବହାର କରିପାରିବେ। ଅଥବା ଏହାକୁ ବାରଣ କରନ୍ତୁ।



## କୁଖ୍ୟାତ ଚଢ଼େଇ ଡିମ୍ବ ଚୋର !



କଲିନ୍ ୱାଟ୍‌ସନ୍ ଥିଲେ, ଇଲଣ୍ଡର କୁଖ୍ୟାତ ଚଢ଼େଇ ଡିମ୍ବ ଚୋର। ସେଲ୍‌ବିର ବାସିନ୍ଦା କଲିନ୍ ଏକ ଶକ୍ତି ଉଦ୍ୟୋଗରେ ଚାକିରି କରୁଥିଲେ। ନିଜର ସମସ୍ତ ଅବସର ସମୟକୁ ସେ ଚଢ଼େଇ ଅଣ୍ତା ଚୋରିରେ ଲଗାଉଥିଲେ। ଚଢ଼େଇ ଅଣ୍ତା ସଂଗ୍ରହ କରିବା ଥିଲା, ତାଙ୍କର ଏକ ମାତ୍ର ଝୁଙ୍କ ବା ନିଶା। ୧୯୮୧ ପର୍ଯ୍ୟନ୍ତ ବିନା ବାଧାରେ ସବୁ ଚାଲିଥିଲା। ସେହି ବର୍ଷ କେହି ଘରୋଇ ଭାବେ ଚଢ଼େଇ ଅଣ୍ତା ସଂଗ୍ରହ କରିପାରିବେନାହିଁ ବୋଲି ଆଇନ ପ୍ରଣୟନ ହେଲା। ସେତେ ବେଳକୁ କଲିନ୍‌ଙ୍କ ନିକଟରେ ଥାଏ ୨୨୦୦ଟି ବିରଳ ପକ୍ଷୀ ଡିମ୍ବ। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସେତକ ଜମା ଦେଇଥିଲେ କଥା ଛିଡ଼ିଥା'ନ୍ତା। ସେ କିନ୍ତୁ ତାହା ନ କରି ଚଢ଼େଇ ଡିମ୍ବ ଚୋରିରେ ଲିପ୍ତ ରହିଲେ। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ଛପି ରହିପାରିବେ କେତେ ଦିନ ! ଦିନେ ଗଛରେ ଚଢ଼ି, ଚଢ଼େଇ ବସାରୁ ଅଣ୍ଡା ଚୋରି କରୁଥିବା ବେଳେ ଧରାପଡ଼ିଲେ। ଜରିମାନା ଦେଲେ। କିନ୍ତୁ, ସୁଧୁରିଲେ ନାହିଁ। ଅଣ୍ଡା ଚୋରି କରୁଥିବା ବେଳେ ସେ ମୋଟ ଛଅ ଥର ଧରାପଡ଼ି, ଜରିମାନା ବାବଦକୁ ଗଣିଥିଲେ, ଭାରତୀୟ ମୁଦ୍ରାରେ ପ୍ରାୟ ଛଅ ଲକ୍ଷ ଟଙ୍କା। ଆଉ ଚଢ଼େଇ ଡିମ୍ବ ହିଁ ଦିନେ ତାଙ୍କ ଅକାଳ ମୃତ୍ୟୁର କାରଣ ବନିଥିଲା। ଦକ୍ଷିଣ ୟର୍କସାୟାର୍‌ର ଗୋଟିଏ ଉଚ୍ଚା ଗଛରେ ଚଢ଼ି ଡିମ୍ବ ଚୋରି କରୁଥିବା ବେଳେ ଗୋଡ଼ ଖସିଯିବାରୁ ପଡ଼ିଥିଲେ, ପ୍ରାୟ ଚାଳିଶ ଫୁଟ୍ ତଳେ। ପରିଣାମ ସ୍ୱରୂପ ମାତ୍ର ତେଷଠି ବର୍ଷ ବୟସରେ ଜୀବନ ଯାଇଥିଲା।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୯ ମାର୍ଚ୍ଚ ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲକ୍‌ଡାଉନର କଣ ସମସ୍ୟାର ବାଟ...

ମାର୍ଚ୍ଚ ମାସ ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବାବେଳକୁ ଧୀରେ ଧୀରେ ଗତବର୍ଷ ମାର୍ଚ୍ଚ ମାସ ଭଳି କଟକଣା ସ୍ଥିତିକୁ ସତେ ଯେପରି ଦେଶ ଲେଉଟି ଯାଉଛି। ମହାରାଷ୍ଟ୍ର ପରେ ଏବେ ଗୁଜରାଟ ସରକାର ରାତି କର୍ଫ୍ୟୁ ଲାଗୁ କରିବାକୁ ଘୋଷଣା କରିଛନ୍ତି। ରାଜ୍ୟର ଅହମ୍ମଦାବାଦ, ଭଦୋଦରା, ସୁରଟ ଓ ରାଜକୋଟ ଆଦି ସହରରେ ରାତି କର୍ଫ୍ୟୁ କଡ଼ାକଡ଼ି ଭାବେ ବଳବତ୍ତର କରାଯିବା ସହ ଜନସାଧାରଣଙ୍କ ଆତଯାତ ଉପରେ ପର୍ଯ୍ୟାପ୍ତ ରୋକ୍ ଲଗାଯାଇଛି। କେବଳ ଔଷଧ ଦୋକାନ, କ୍ଷୀର ବୁଥ୍, ହସପିଟାଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଯୋଗାଣକାରୀ ସଂସ୍ଥାଙ୍କ ବ୍ୟତୀତ ବ୍ୟାବସାୟିକ ପ୍ରତିଷ୍ଠାନ, ହୋଟେଲ ରେଷ୍ଟୋରାଁ, ପ୍ରେକ୍ଷାଳୟ ଓ ଅନ୍ୟାନ୍ୟ ସଂସ୍ଥାନ ବନ୍ଦ ରଖାଯିବ। ରାତି ଦଶଟାଠାରୁ ସକାଳ ଛଅଟା ପର୍ଯ୍ୟନ୍ତ ରାତି କର୍ଫ୍ୟୁ ବଳବତ୍ତର ରହିବ। ଜନସାଧାରଣଙ୍କ ଆତଯାତକୁ ନିୟନ୍ତ୍ରଣ କରିବା ସକାଶେ ଏହା ପ୍ରଥମ ପଦକ୍ଷେପ ହୋଇଥିବାବେଳେ ଆବଶ୍ୟକ ପଡ଼ିଲେ, ଲକଡାଉନ ଓ ସଟ୍‌ଡାଉନ୍ ପର୍ଯ୍ୟନ୍ତ ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିବେ। ଏବେ ଗୁଜରାଟର ଏହିସବୁ ସହରରେ ଯଦିଚ କରୋନା ସଂକ୍ରମଣ ସେପରି ଉଦବେଗଜନକ ଆକାର ଧାରଣ କରିନାହିଁ, ତଥାପି ପ୍ରତିବେଶୀ ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ପଂଜାବ ଆଦି ରାଜ୍ୟରେ କରୋନା ସଂକ୍ରମଣ ମାତ୍ରା ଯେଉଁଭଳି ଭାବେ ବୃଦ୍ଧି ପାଉଛି, ତାହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ଗତବର୍ଷ ଗୁଜରାଟ ସରକାର କରୋନା ନିୟନ୍ତ୍ରଣ ବେଳେ ଯେଉଁ ମହାଶିକ୍ଷା ଲାଭ କରିଥିଲେ, ଏବେ ତାହାକୁ କାର୍ଯ୍ୟରେ ପରିଣତ କରୁଛନ୍ତି। ଦେଶର କରୋନା ସଂକ୍ରମଣ ବୃଦ୍ଧିର ଲକ୍ଷଣ ଗତ ପ୍ରାୟ ତିନି ସପ୍ତାହ ତଳୁ ଲକ୍ଷ୍ୟ କରାଯାଇଛି। ଏହାକୁ ଲକ୍ଷ୍ୟକରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପୁଣିଥରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ର ସରକାରମାନଙ୍କୁ ସତର୍କ କରାଇଦେବା ସହ ନିଜ ନିଜ ରାଜ୍ୟର ବାସ୍ତବ ସ୍ଥିତି ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସକାଶେ ସଂପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ କରିଛନ୍ତି। ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଗତବର୍ଷ କରୋନା ବିରୋଧୀ ସଂଗ୍ରାମ ବେଳେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ଅପୂର୍ବ ସମନ୍ୱୟ ରକ୍ଷା ପରିଲକ୍ଷିତ ହୋଇଥିଲା ଏବଂ ସେଥିରୁ ଆଶାନୁରୂପକ ସୁଫଳ ମିଳିଥିଲା। ଆଶା କରାଯାଉଥିଲା ଯେ, କରୋନା ତାର ସ୍ୱାଭାବିକ ମୃତ୍ୟୁପଥରେ ଅଗ୍ରସର ହେଉଛି ଓ ଖୁବ୍‌ଶୀଘ୍ର ପରିସ୍ଥିତି ପୁଣି ସ୍ୱାଭାବିକ ହୋଇଯିବ। କିନ୍ତୁ ଏଭଳି ବିଶ୍ୱାସ ଭୁଲ୍ ବୋଲି ପ୍ରମାଣିତ ହୋଇଛି। କରୋନା ପୁଣିଥରେ ଲେଉଟିଛି। ଏବେସୁଦ୍ଧା ଏହା ନୂତନ ଷ୍ଟ୍ରେନୟୁକ୍ତ ଅବା ଅଧିକ ମାରାତ୍ମକ ଢ଼ଙ୍ଗରେ ଯଦିଚ ଭାରତରେ ଦୃଶ୍ୟ ହୋଇନାହିଁ, ତଥାପି ଏହାର ଲେଉଟାଣି ପଛରେ କି ନିର୍ଦ୍ଦିଷ୍ଟ କାରଣ ରହିଛି ତାହା ନିର୍ଦ୍ଧାରିତ ହୋଇପାରିନାହିଁ। ଆଶଙ୍କା କରିବା କଥା, କରୋନା ସଂକଟ ବେଳେ ଗତବର୍ଷ ଦେଶବାସୀ ଯେଉଁମାତ୍ରାରେ ସର୍ତକତା ଅବଲମ୍ବନ କରିଥିଲେ ଓ କଟକଣା ମଧ୍ୟରେ ଜୀବନ ଅତିବାହିତ କରୁଥିଲେ, ସମ୍ଭବତଃ ସେଥିରେ କିଛିଟା ଢ଼ିଲାପଣ ଦେଖାଦେଇଛି। କରୋନା ସଂକ୍ରମଣ ମାତ୍ରା ହ୍ରାସ ପାଇବା ସହ କଟକଣା କୋହଳ ଜନସାଧାରଣଙ୍କୁ ସ୍ୱାଭାବିକ ଚଳପ୍ରଚଳ ନିମନ୍ତେ ଯେଉଁ ସୁଯୋଗ ପ୍ରଦାନ କରିଥିଲା, ଏବେ ତାର ପରିଣାମ ଭୋଗିବାକୁ ପଡୁଛି। ଏଥିରେ ଦ୍ୱିମତ ଥାଇନପାରେ ଯେ ପ୍ରତିଷେଧକ ଟିକା ବାହାରିବା ପୂର୍ବରୁ, ଭାରତ ଯେଉଁଭଳି ଭାବେ କରୋନାକୁ ନିୟନ୍ତ୍ରଣ କରିପାରିଥିଲା, ତାହା ପଛରେ ଥିବା ସବୁଠାରୁ ବଡ଼ କାରଣଟି ଥିଲା ସତର୍କତା ଅବଲମ୍ବନ। ସାମାଜିକ ଦୂରତା ରକ୍ଷା, ମାସ୍କ ପିନ୍ଧା, ହାତଧୁଆ ଓ ନିଜର ଚଳପ୍ରଚଳ ଉପରେ ନିୟନ୍ତ୍ରଣ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷାର କାରଣ ପାଲଟିଥିଲା। ଏବେ ଯେତେବେଳେ ଆମର କୋହଳପଣ ଯୋଗୁଁ ହେଉ ଅବା ଅନ୍ୟ ଯେକୌଣସି କାରଣ ପାଇଁ ହୋଇଥାଉ, କରୋନା ପୁଣି ଲେଉଟିଛି, ବାସ୍ତବିକତା ଆଡ଼କୁ ପୁଣିଥରେ ଦୃଷ୍ଟିପାତ କରିବା ସମସ୍ତଙ୍କ ଦାୟିତ୍ୱ। ମହାରାଷ୍ଟ୍ର କିମ୍ବା ଗୁଜରାଟ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ଅନ୍ୟ ରାଜ୍ୟମାନେ ହୁଏତ ସେହି ପଦକ୍ଷେପ ଅଚିରେ ଗ୍ରହଣ କରିବେ। କିନ୍ତୁ ତାହା ପୂର୍ବରୁ ଜନସାଧାରଣ ନିଜ ଆଡୁ ସତର୍କତା ଅବଲମ୍ବନ କରିବା ଜରୁରି ମନେହୁଏ। ପ୍ରତ୍ୟକ୍ତ ବ୍ୟକ୍ତିର ସଚେତନପଣ କେବଳ ନିଜକୁ ନୁହେଁ, ନିଜର ପରିବାର ଓ ସମାଜକୁ ଏହି ଦୂରାରୋଗଠାରୁ ଦୂରେଇ ରଖିବା ନିମନ୍ତେ ପର୍ଯ୍ୟାପ୍ତ ହେବ। ସେଥିପାଇଁ ଏବେଠାରୁ ପ୍ରସ୍ତ ହେବା ଉଚିତ୍।

# ବଦଳୁଛି ନିର୍ବାଚନୀ ପରିଭାଷା



ଗୋପାଳ ମହାପାତ୍ର

**ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଲୋକେ ହିଁ ସରକାରକୁ ଚୟନ କରନ୍ତି ଏକଥା ପ୍ରତ୍ୟେକ ଲୋକ (ଭୋଟର) ଭଲ ଭାବେ ଜାଣନ୍ତି। ରାଜ୍ୟସଭା ଓ କେତେକ ରାଜ୍ୟରେ ଥିବା ବିଧାନ ପରିଷଦକୁ ଛାଡି ଦେଶରେ ହେଉଥିବା ଅନ୍ୟ ସବୁ ନିର୍ବାଚନ ଲୋକଙ୍କ ଭୋଟ ଦ୍ୱାରା ହିଁ ହୋଇଥାଏ। ସ୍ୱାଧୀନତା ପରେ ୧୯୫୨ ମସିହାରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ହୋଇଥିଲା ଓ ସେତେବେଳେ ଦେଶର ଲୋକସଂଖ୍ୟା ଥିଲା ୩୬କୋଟି। ସେତେବେଳେ କିନ୍ତୁ ଦେଶର ଅନେକ ଲୋକ ସେମାନଙ୍କର ଭୋଟର ମୂଲ୍ୟ ବାବଦରେ ଅଧିକ ଭାବେ ଅବଗତ ନଥିଲେ କି ଭୋଟର ସଦୁପଯୋଗ ମଧ କରିପାରିନଥିଲେ।**

ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଲୋକେ ହିଁ ସରକାରକୁ ଚୟନ କରନ୍ତି ଏକଥା ପ୍ରତ୍ୟେକ ଲୋକ (ଭୋଟର) ଭଲ ଭାବେ ଜାଣନ୍ତି। ରାଜ୍ୟସଭା ଓ କେତେକ ରାଜ୍ୟରେ ଥିବା ବିଧାନ ପରିଷଦକୁ ଛାଡି ଦେଶରେ ହେଉଥିବା ଅନ୍ୟ ସବୁ ନିର୍ବାଚନ ଲୋକଙ୍କ ଭୋଟ ଦ୍ୱାରା ହିଁ ହୋଇଥାଏ। ସ୍ୱାଧୀନତା ପରେ ୧୯୫୨ ମସିହାରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ହୋଇଥିଲା ଓ ସେତେବେଳେ ଦେଶର ଲୋକସଂଖ୍ୟା ଥିଲା ୩୬କୋଟି। ସେତେବେଳେ କିନ୍ତୁ ଦେଶର ଅନେକ ଲୋକ ସେମାନଙ୍କର ଭୋଟର ମୂଲ୍ୟ ବାବଦରେ ଅଧିକ ଭାବେ ଅବଗତ ନଥିଲେ କି ଭୋଟର ସଦୁପଯୋଗ ମଧ କରିପାରିନଥିଲେ। ସମୟ ଗଡ଼ି ଚାଲିଲା ଓ ଦେଶରେ ଧର୍ମ, ସମାଜ ଏବଂ କ୍ଷେତ୍ର ବା ଅଞ୍ଚଳକୁ ନେଇ ଅନେକ ରାଜନୈତିକ ଦଳ ମଧ ଗଠନ ହୋଇଥିଲା। ଧୀରେ ଧୀରେ ନିର୍ବାଚନରେ ଜିଣିବା ପାଇଁ ବିଭିନ୍ନ ରାଜନୈତିକ ଦଳ ମାନେ ଲୋକଙ୍କୁ (ଭୋଟରଙ୍କୁ) ଆକର୍ଷିତ କରିବା ପାଇଁ ଅନେକ ପ୍ରକାରରପନ୍ଥା ଅବଲମ୍ବନ କଲେ। ସମୟ ବଦଳିଛି ଓ ପରିବର୍ତ୍ତିତ ସମୟ ଅନୁସାରେ ଲୋକଙ୍କ ମଧରେ ସଚେତନତା ମଧ ବଢ଼ିଛି। ଲୋକେ ମଧ ଗଣତନ୍ତ୍ର କେମିତି ଅଧିକ ମଜଭୁତ ହେବ ସେ କଥା ବୁଝିଗଲେଣି। ସରକାର ମଧ ଲୋକଙ୍କ ମାନସିକତାକୁ ଠିକ୍ ଭାବରେ ଆକଳନ କରି ତଦନୁଯାୟୀ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସମୟରେ ରାଜନୀତିର ପରିଭାଷା ବଦଳିଗଲାଣି। ଲୋକେ ମଧ ବିଭିନ୍ନ ଭାବେ ରାଜନୀତି ଶବ୍ଦର ବ୍ୟାଖ୍ୟା କରିବା ଆରମ୍ଭ କଲେଣି। ରାଜନୈତିକ ବିଷାରଦମାନେ ରାଜନୈତିକ ପାଣିପାଗ ଓ ନିର୍ବାଚନ ପରିଣାମ ସମ୍ପର୍କରେ ଆକଳନ କରୁଛନ୍ତି। ପରିବର୍ତ୍ତିତ ପରିଦୃଶ୍ୟ ଅନୁସାରେ ଦ୍ରୁତ ଗତିର ରାଜନୈତିକ ସମୀକରଣ ମଧ ବଦଳିବାରେ ଲାଗିଛି। କିଛି ବର୍ଷ ପୂର୍ବରୁ ଗାଁ ଓ ସହରରେ ଯଦି କେହି ବୟସ୍କ ବୁଦ୍ଧିଜୀବି କିଛି ପରାମର୍ଶ ଦେଉଥିଲେ ତେବେ ଅନ୍ୟ ଲୋକମାନେ ତାକୁ ଗ୍ରହଣ କରି ନେଉଥିଲେ ଏବଂ ବିନା ଦ୍ୱିଧାରେ ତାଙ୍କ ବିଚାର ଧାରାକୁ ସମର୍ଥନ କରୁଥିଲେ। କିନ୍ତୁ ଏବେ ସମସ୍ତେ ସଚେତନ। ଏହି ସଚେତନତା ମଧ ସଶକ୍ତ ଭାରତ ନିର୍ମାଣ କରିବ। ଗଣତନ୍ତ୍ରରେ ପ୍ରତିବ୍ୟକ୍ତିଙ୍କୁ ନିଜର ବିବେକ ଅନୁସାରେ ବ୍ୟକ୍ତି (ନେତା)ଙ୍କୁ ବାଛିବାର ଅଧିକାର ରହିଛି ଯିଏ ତାଙ୍କ ପ୍ରତିନିଧିତ୍ୱ କରିବେ। ଏହି ବ୍ୟକ୍ତିଙ୍କୁ ଜନ ପ୍ରତିନିଧି କୁହାଯାଇଥାଏ। ଆମ ଦେଶରେ ପଞ୍ଚବାର୍ଷିକ ଯୋଜନା ହୁଏ, ପ୍ରତି ୫ବର୍ଷରେ ଥରେ ଆମର ସରକାର ଗଠନ ହୁଏ। ସ୍ୱାଧୀନତା ପରଠାରୁ ଏହି ପ୍ରକ୍ରିୟା ଚାଲିଆସିଛି ଏବଂ ପ୍ରତି ନିର୍ବାଚନ ପୂର୍ବଥରର ନିର୍ବାଚନ ଠାରୁ ଭିନ୍ନ ହୋଇଛି। ଅନେକଥର କେନ୍ଦ୍ରରେ ଓ କେତେକ ରାଜ୍ୟରେ ମେଣ୍ଟ ଦଳକୁ ନେଇ ଗଠିତ ସରକାର ୫ବର୍ଷର ଅବଧି ପୂରଣ କରିନପାରିବାରୁ ଧାର୍ଯ୍ୟ ସମୟ ପୂର୍ବରୁ ପୁଣି ନିର୍ବାଚନ ମଧ ହୋଇଛି। ନିର୍ବାଚନରେ ଅନେକ ନୂଆ ମୁହଁ ଆସିଛନ୍ତି ଓ ଆସୁଛନ୍ତି, ସବୁଥର କିଛି ନୂଆ ପ୍ରସଙ୍ଗ ରହୁଛି, ନେତାଏ ଲୋକଙ୍କୁ ନୂଆ ନୂଆ ପ୍ରତିଶ୍ରୁତି ମଧ ଦେଉଛନ୍ତି ଲୋକ (ଭୋଟର)ଙ୍କ ଚିନ୍ତା ଏବଂ ଚୟନରେ ମଧ ପରିବର୍ତ୍ତନ ଘଟୁଛି। ଗଣତନ୍ତ୍ରରେ ନିର୍ବାଚନ ପ୍ରକ୍ରିୟା ଏମିତି ଚାଲିଛି। ଲୋକଙ୍କ ସଚେତନତା ବଢ଼ିଛି। ଆଗରୁ ପୂର୍ବାନୁମାନ କରାଯାଉଥିଲା। କିନ୍ତୁ ଏବେ ସବୁ କିଛି ପ୍ରାମାଣିକତାକୁ ନେଇ ସ୍ଥିର କରାଯାଉଛି। ଆଗେ ଲୋକେ ପତ୍ର ମାଧ୍ୟମରେ ନିଜର କଥାକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରୁଥିଲେ ତା ପରେ ଆସିଲା ରେଡିଓ, ପୁଣି ପ୍ରିଣ୍ଟ ଏବଂ ଇଲୋକ୍ଟ୍ରୋନିକ୍ସ ମିଡିଆ ଆସିଲା, କିନ୍ତୁ ଏବେ ଏଭଳି ଏକ ମିଡିଆ (ମାଧମ) ଜନ୍ମ ନେଲାଣି ଯିଏ ଏସବୁ ମିଡିଆର ଗୁରୁତ୍ୱକୁ ଫିକା ପକାଇ ଦେଲାଣି ଓ ନିଜର ବ୍ୟାପକ ରୂପକୁ ପ୍ରଦର୍ଶନ କରିବାରେ ସକ୍ଷମ ହେଲାଣି। ଏବେ ସାମାନ୍ୟ ଟିକିଏ ଭୁଲ ତଥ୍ୟ ପ୍ରସାରିତ ହେଲେ ତତ୍‌କ୍ଷଣାତ୍ ତାର ସ୍ପଷ୍ଟିକରଣ ସହ ସତ୍ୟତା ସମସ୍ତଙ୍କ ସାମ୍ନାକୁ ଆସି ଯାଉଛି। ଏବେ ଏହି ନୂଆ ମାଧମ (ସାମାଜିକ ଗଣମାଧମ)ର ସୋସିଆଲ ସାଇଟ୍ ଗୁଡିକ ଅଧିକ ଭାବରେ ସକ୍ରିୟ ଅଛନ୍ତି ଓ ଅଧିକ ତଥ୍ୟ ଲୋକଙ୍କୁ ଜାଣିବାକୁ ମିଳୁଛି। ସଚେତନତାର ଜୀବନ୍ତ ଉଦାହରଣ ହେଉଛି ସାମାଜିକ ଗଣମାଧମ ପୂର୍ବରୁ କାହା ବିଷୟରେ ଜାଣିବାକୁ ହେଲେ ଅନେକ ଖୋଜିବାକୁ ପଡୁଥିଲା କିନ୍ତୁ ଏହି ମାଧମରେ ଏବେ ସବୁ ଉପଲବ୍ଧ। ଅଣ ରାଜନୈତିକ ବ୍ୟକ୍ତି ମଧ ଏହି ମାଧମରୁ ରାଜନୈତିକ ଗତିବିଧି ସମ୍ପର୍କରେ ସମସ୍ତ ତଥ୍ୟ ଜାଣିପାରୁଛନ୍ତି ଏହା ପୁଣି ଖବର କାଗଜ ବା ଟିଭିରେ ପ୍ରସାରିତତ ହେବା ପୂର୍ବରୁ। ଭାରତ ମାଟିରୁ ସବୁବେଳେ ଜ୍ଞାନର ଉତ୍ପତ୍ତି ହୋଇଥାଏ ହେଲେ ଏବେ ଜ୍ଞାନର ଉତ୍ପତ୍ତି ବହୁଗୁଣା ବଢ଼ିଯାଇଛି। ଶିକ୍ଷା କ୍ଷେତ୍ରରେ ମଧ ଉନ୍ନତି ହୋଇଛି। ଦେଶରେ ଶିକ୍ଷିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଣୁ ବର୍ତ୍ତମାନର ପୀଢ଼ି ନିଜର ନିର୍ଣ୍ଣୟ ନିଜେ ନେଇଥାନ୍ତି। ଏପରିକି ପୂର୍ଣ୍ଣ ବିଶ୍ୱାସର ସହ ନିର୍ଣ୍ଣୟ ନେଇଥାନ୍ତି। ଏଣୁ ନିର୍ବାଚନୀ ରଣନୀତିର ମହାରଥୀମାନେ ସେମାନଙ୍କର ଆକଳନ ଶକ୍ତି ଏବଂ ଦୃଷ୍ଟିଭଙ୍ଗୀ ସମୟ ଅନୁସାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ନିର୍ବାଚନୀ ରଣକୌଶଳ ସମୟ ସହିତ ତାଳମିଳାଇ ମଧ ପରିବର୍ତ୍ତନ ହେବାରେ ଲାଗିଛି। ପୂର୍ବରୁ ରାଜନୈତିକ ଦଳ ମାନେ ଯେଭଳି ଭାବରେ ଭୋଟରଙ୍କୁ ଆକର୍ଷିତ କରିପାରୁଥିଲେ ସେ କଥା ଏବେ ଆଉ ନାହିଁ। କାରଣ ଏକବିଂଶ ଶତାବ୍ଦୀରେ ସାମ୍ବାଦିକ ଯିଏ ବି ହେଉ ସାମ୍ବାଦିକତା ସମସ୍ତଙ୍କର ଶକ୍ତି ପାଲଟିଛି। ନେତାଙ୍କ କଥା ଓ କାମର ଫରକ୍ କଥା ଲୋକେ ଏବେ ଜାଣିପାରୁଛନ୍ତି ଓ ଏଭଳି ନେତାଙ୍କୁ କଣଠେସା ମଧ କରୁଛନ୍ତି। ଏବେ ଯେ କେବଳ ଭୋଟ ଦେବାର ବ୍ୟବସ୍ଥାରେ ପରିବର୍ତ୍ତନ ଘଟିଛି ତା ନୁହେଁ ସବୁ କ୍ଷେତ୍ରରେ ପାରଦର୍ଶିତା ବଢ଼ିଛି। ଏବେ ଇତିହାସର ବିବେଚନା ଉପରେ ବର୍ତ୍ତମାନର ଅଧ୍ୟୟନ ସହିତ ଭବିଷ୍ୟତ କଥା ଆକଳନ କରାଯାଉଛି। ନିର୍ବାଚନ ଦୃଷ୍ଟିକୋଣ କେବଳ ବଦଳିନି, ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ଚିନ୍ତା -ଦୃଷ୍ଟିଭଙ୍ଗୀ ମଧ ବଦଳିବାରେ ଲାଗିଛି। ନୂଆ ଚିନ୍ତା - ନୂଆ ଦୃଷ୍ଟିଭଙ୍ଗୀ ପାଇଁ ସମୟ ଆସିଯାଇଛି। ସବୁ ଦୃଷ୍ଟିରୁ ଦେଖିଲେ ସମୟ ସହ ତାଳ ମିଳାଇ ନିର୍ବାଚନୀ ପରିଭାଷା ମଧ ବଦଳୁଛି।


+ରାମଚନ୍ଦ୍ରପୁର

ରଣପୁର

୯୪୩୮୪୫୦୯୪


# ଅହଂଭାବ

ପଙ୍କଜ କୁମାର ପାଣିଗ୍ରାହୀ

କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତ୍ତନ ଅନୁଭବ କରିବାରେ

ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା

ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର !

ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୁତ ମଣିଷର ବାସ୍ତବତା କ'ଣ...?!

ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା ! କେମିତି... ? ଉତ୍ତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନକରିପାରିଲେ ମଧ ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚ୍ଚରିତ୍ରିକ ଶୁଧାର ଆଣିପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୁରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଦିଷ୍ଟତା ମଧରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି ! ଅଧିକ ଆଉ ଉପରକୁ ଯିବାପାଇଁ ଅନ୍ଦାଜ୍ ନହୋଇ କେବଳ ସୀମିତ ପରିଧି ମଧରେ ସମ୍ପୃକ୍ତ ମଣିଷର ଭାବଧାରା ଘୁରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୁତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର ।

କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣଠୁ ବଳି ସମ୍ଭାଳଇ ! ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ୟ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଶୃଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଗ୍ଭରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇନଥାଏ ! କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଶୃଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନିନେଉଥିବା ମଣିଷର ଭାବଧାରରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି ପରଖି ଦେଖିଲେ ଜାଣିହେବ ଯେ.........

କାହାଦ୍ୱାରା ଲିଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦତ୍ତ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ ! ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରବାହିତ ଭାବଧାରା ଗୁଡିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଇଥା'ନ୍ତି ସାଧାରଣ ସବୁ ମଣିଷ । ଅତଏବ ବିଭିନ୍ନ ଲେଖା ତଥା ଗଣମାଧ୍ୟମ ଗୁଡିକରେ ପ୍ରଗ୍ଭରିତ / ପ୍ରସାରିତ ଅନେକ କଥାକୁ ସହଜରେ ଗ୍ରହଣ କରି ନିଜର ଜ୍ଞାନ ବୃଦ୍ଧି ହେବାଭଳି ଅନୁଭୂତି ରହିଥାଏ ପ୍ରାୟ ସମସ୍ତଙ୍କର । ସେହି ପ୍ରଗ୍ଭରିତ / ପ୍ରସାରିତ ମାଧ୍ୟମ ଗୁଡିକରେ କିଏ କ'ଣ କହିଥାଏ ଅଥବା ଲେଖିଥାଏ ତାହାର କୌଣସି ନିୟନ୍ତ୍ରଣ କିମ୍ବା ଅନୁଶୀଳନ ବିଶେଷାଙ୍କର ନିର୍ଦ୍ଧାରିତ ନିୟାମକ ନଥାଇ ବ୍ୟାପକ ହେଉଥିବା ବିଷୟ ସମସ୍ତଙ୍କୁ ଜଣା । ତେଣୁ ସେହି ମାଧ୍ୟମ ଗୁଡିକ ଉପରେ ନିର୍ଭରଶୀଳ ମଣିଷଙ୍କୁ ମିଥ୍ୟା ତଥ୍ୟ ଦେଇ ଚତୁର କେଳେଙ୍କାରୀ ମଣିଷ ଗୁଡିଏ ଅନେକ ନିଜସ୍ୱ ସ୍ୱାର୍ଥ ହାସଲ କରୁଥିବାବେଳେ ଏହି ସଂଖ୍ୟା ଗରିଷ୍ଠ ଅଶୃଜନ ସେହି ଅବାସ୍ତବ, ମିଥ୍ୟା ତଥ୍ୟ ଗୁଡିକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ କରି ଅଜସ୍ର କ୍ଷତିରେ ପଡୁଥିବାବେଳେ ପୁନର୍ବାର ଅହଂଭାବ ସୃଷ୍ଟିକରି ଆହୁରି ଅଜ୍ଞାନ କରିଥା'ନ୍ତି ନିଜକୁ । ଅର୍ଥାତ ଯେଉଁସବୁ ବିଷୟ ଗୁଡିକୁ ସାଧାରଣ ଲୋକେ ଜ୍ଞାନ ବୋଲି ଗ୍ରହଣ କରିଥା'ନ୍ତି ସେଇଥିରେ ରହିଥବା ସତ୍ୟ ଏବଂ ମିଥ୍ୟାର ଆନୁପାତିକ ବ୍ୟବଚ୍ଛେଦ ନଥାଏ ସେମାନଙ୍କ ପାଖରେ । ତଥାପି କୌଣସି ବିପରୀତମୁଖୀ ମନ୍ତବ୍ୟକୁ ମଧ ଉତ୍ତମ ଜ୍ଞାନ ସଦୃଶ୍ୟ ଗ୍ରହଣ କରିବାକୁ ପଛାଇନଥା'ନ୍ତି ଅଶୃଜନ । ପୁନର୍ବାର ଅନେକ ମିଥ୍ୟାର ଆଧାରକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ ସାଙ୍ଗକୁ ସେଗୁଡିକର ଉପସ୍ଥାପନା ସହିତ ନିଜର ଅହଂଭାବାପନ୍ନ ବିଗ୍ଭରଧାରା ସେମାନଙ୍କୁ ପରୋକ୍ଷରେ ବ୍ୟାପକ ଠକାମିର ଶିକାର କରୁଥିଲେ ମଧ ସେଗୁଡିକ ସେମାନଙ୍କ ଭାବବହିର୍ଭୁତ ବିଷୟ ହୋଇଥାଏ । କାରଣ ଅହଂକାରୀ ସବୁବେଳେ ମିଥ୍ୟା କଥା ପ୍ରତି ଆସକ୍ତ ହେଉଥିବା ଜାଣନ୍ତି ଚତୁର କେଳେଙ୍କାରୀ । ତେଣୁ ସେମାନଙ୍କୁ ବିଭିନ୍ନ ମିଥ୍ୟା କଥାର ନାରାଦେଇ ସତ୍ୟକୁ ଆଢୁଆଳରେ ରଖି ସେମାନଙ୍କ ମନକୁ ଏତେ ସତେଜ କରିଦିଅନ୍ତିଯେ ଅହଂକାରୀ ଅଶୃଜନ ବ୍ୟକ୍ତି ସେହି ମିଥ୍ୟା କଥାରେ ପଡି ନିଜେ ଠକି ହେଉଥିବାବେଳେ ସମାଜରେ ମଧ ସେହି ମିଥ୍ୟାକୁ ବାଣ୍ଟି ନିଜର କୃତିତ୍ୱ ହାସଲରେ ଲାଗିପଡିଥା'ନ୍ତି । ଇତିମଧରେ ସେମାନେ ଅନେକ ମିଥ୍ୟା ଭିତ୍ତିହୀନ କଥାକୁ ନେଇ ଅନ୍ୟର ପ୍ରରୋଚନାରେ ପଡି ଠକିହେଉଥିବା ବିଷୟ ଆଦୌ ମନକୁ ନେଇନଥା'ନ୍ତି ।

ସୃଜନ କୌଣସି ବିଷୟକୁ ଅଚିରେ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ବିଷୟଟିର ସର୍ବଦିଗ ପରଖି ସତ୍ୟର ଅନୁସନ୍ଧାନ ପାଇବା ପରେହିଁ ଗ୍ରହଣ କରିଥା'ନ୍ତି । ଅଶୃଜନଙ୍କ ବ୍ୟକ୍ତିଗତ ବିଗ୍ଭରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣିନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଶୃଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତାରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ ମଣିଷ ସେତେବଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦଦେଇ ଠକାମିର ଶିକାର ହେଉଥିବାରୁ କେହି ଉଦ୍ଧାର କରିପାରିବେ ନାହିଁ । ତେଣୁ ଆଜିସମୟର ଯେକୌଣସି ମତବାଦ ଗୁଡିକୁ ଅଚିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ପରେ ଗ୍ରହଣ କଲେହିଁ ନିଜର ସୃଜନଶୀଳତା ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷ ସତ୍ୟର ଅନୁସନ୍ଧାନ ପାଇବା ପରେ ନିଜେହିଁ ଅହଂଭାବରୁ ଦୁରେଇ ରହିପାରିବ ବୋଲି ଆମର ବିଗ୍ଭରରେ ଆପଣଙ୍କ ଭାବଧାରା ବ୍ୟକ୍ତ କରିବେ ବୋଲି ଆଶା !

ଧନ୍ୟବାଦ


+ସୋସିଆଲ ଫୋରମ

(ଭାରତ)

ଛତ୍ରପୁର, ଗାମ.

ଦୂରଭାଷ.: ୯୪୩୭୩୨୪୯୧୭





## ସଫଳ ହେବା କାମେ ..

ଧୀରେନ୍ଦ୍ର ମଲ୍ଲିକ



ଆସରେ ଆସ ସକାଳ ହେଲା
ଯିବା କିଛିବାଟ ଚାଲି,
ଆଜିର କାମ ଆଜି କରିବା
ରଖିବାନାହିଁ କାଲି,,

ଆସରେ ଆସ ମିଳିମିଶିକି
କରିବା ଦୁଃଖୀ ସେବା,
ହସଫୁଟାଇ ତାଙ୍କରି ମୁଖେ
ଆଶିଷ ତାଙ୍କ ନେବା,,

ଆସରେ ଆସ ସଫା କରିବା
ଆମ ଗାଆଁ ଦାଣ୍ଡ ରାସ୍ତା,
ପଡ଼ିବା ନାହିଁ କାହା ଫାନ୍ଦରେ
କିଣିବା ନାହିଁ ଶସ୍ତା,,

ଆସରେ ଆସ କହିବା ସତ
ନ'କହି କେବେ ମିଛ,
ଚାରା ଲଗେଇ ଯତନ ନେବା
କାଟିବା ନାହିଁ ଗଛ,,

ଆସରେ ଆସ ଗୁରୁଜନଙ୍କ
ମାନିବା ସବୁ କଥା,
କହିବା ନାହିଁ ଟାଣ କାହାକୁ
ଦେବାନି ମନେ ବ୍ୟଥା,,

ଆସରେ ଆସ ଶିଶୁ ମାନଙ୍କୁ
କୋଳରେ ନେବା ଧରି,
ସମ୍ମାନ ଦେବା ନାରୀ ଜାତିକୁ
ମାଆ ଭଉଣୀ ପରି,,

ଆସରେ ଆସ କରିବା ଦାନ
ଲୋଭ ମୋହକୁ ତେଜି,
କରିବା ନାହିଁ ଗରବ କେବେ
ଜିତିବା ସବୁ ବାଜି,,

ଆସରେ ଆସ ମନ୍ଦିର ଯିବା
କରିକି ଶୁଦ୍ଧ ମନ,
ପର ମଙ୍ଗଳ ଶୁଭ ମନାସି
ମାଗିବା ନାହିଁ ଧନ,,

ଆସରେ ଆସ ସମୟ ହେଲା
ବିଦ୍ୟାଳୟକୁ ଯିବା,
ପଢିଲେ ପାଠ ଶିକ୍ଷିତ ହୋଇ
ଦେଶ ଆଗେଇ ନେବା,,

ଆସରେ ଆସ ସନ୍ଧ୍ୟା ହୋଇଲା
ଧୋଇବା ଗୋଡ଼ ହାତ,
ଠାକୁର ଘରେ ବୁଢ଼ୀମାଆଠାରୁ
ଶୁଣିବା ଭାଗବତ,,

ଆସରେ ଆସ ଭକ୍ତି କରିବା
ସାଧୁ ସନ୍ଥଙ୍କୁ ଆମେ,
ତାଙ୍କ ଆଶିଷ ବଳେ ସର୍ବଦା
ସଫଳ ହେବା କାମେ,,।


+ନିଳକଣ୍ଠପୁର, ମଙ୍ଗଳପୁର,ଯାଜପୁର
ଫୋନ-୭୯୦୪୩୯୨୬୮୬


## ଓଡ଼ିଆ ଲୋକକଳା...

ନିରଞ୍ଜନ ସାହୁ

ଉତ୍କୃଷ୍ଟ କଳାର ଦେଶ ଅଟେ ବୋଲି
ଉତ୍କଳ ନାମରେ ଗଣା
ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ସଂଗୀତ
ଲୋକକଳା ପୁଣି ଜଣା।

ନିହଣ ମୁଗୁରେ ପଥର ଦେହରେ
କଳା କାରିଗରୀ ଲେଖା
କାଠ କାମ, ଝୋଟି, ମୁରୁଜ ଛବିରେ
ନାନାବିଧ ଚିତ୍ରରେଖା
ସଂଗୀତେ ଓଡ଼ିଶୀ, ପାଲା, ଦାସକାଠି
ଖଂଜଣୀ ଭଜନ ଶୁଣା।

ନୃତ୍ୟରେ ଝୁମର, ରସରକେଳି ଯେ
ଡାଲଖାଇ, ଦଣ୍ଡ, ଛଉ
ଗୀତିନାଟ୍ୟ ସାଥେ ଓଡ଼ିଶୀ, ମାହାରୀ
ଲୋକନୃତ୍ୟ କେତେ ଆଉ
ଓଡ଼ିଆ ଲୋକଙ୍କ ଲୋକକଳା କରେ
ଦୁନିଆକୁ ବାଟବଣା।


+ନିହଳପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩







## ଆମ ଗୋପବନ୍ଧୁ...

ଅମରନାଥ ବାରିକ୍

ମହାନ ପୁରୁଷ ଗୋପବନ୍ଧୁ ଦାସ
ଉତ୍କଳ ମଉଡ଼ମଣି ।
ପୁରୀଜିଲ୍ଲା ଠାରେ ସୁଆଁଣ୍ଡୋ ଗ୍ରାମରେ
ଜନ୍ମ ହେଲେ ଶିରୋମଣି ।।

ଅମୂଲ୍ୟ ରତନ ଯେତେ ଅଳଙ୍କାର
ତାଙ୍କ ପାଖେ ପଡ଼େ ଫିକା ।
ତାଙ୍କରି କୀରତି ଓଡ଼ିଶାର ଛାତି
କରିଛି ଶକତ ଏକା ।।

ସ୍ୱାଧୀନ ସଂଗ୍ରାମୀ ସାଜୁଥିଲେ ଭ୍ରମି
ନରଖି ମନରେ ଭୟ ।
କରୁଥିଲେ ଶ୍ରମ ନିଷ୍ଠାପର କର୍ମ
ପ୍ରଭୁ ପାଦେ ରଖି ଲୟ ।।

ପତ୍ନୀର ଚିତ୍କାର କରୁଣ ସେ ସ୍ୱର
ନଡ଼େରିଲେ ବାରେ କର୍ଣ୍ଣ
ନିଜ ସନ୍ତାନକୁ ଠେଲି ମରଣକୁ
ବଞ୍ଚାଇଲେ ସର୍ବଜନ ।।

ଚାଲିଗଲେ ଧାଇଁ ବିଶ୍ୱହିତ ପାଇଁ
ବୁଝାଇ କହି ପତ୍ନୀଙ୍କୁ ।
ଏକ ପୁତ୍ର ଯାଉ ସହସ୍ର ଯେ ରହୁ
ଉଦ୍ଧାରିବି ମୁଁ ତାହାଙ୍କୁ ।।

ବନ୍ଦୀ ଆତ୍ମ କଥା ମନେ ଦିଏ ବ୍ୟଥା
ବନ୍ଦୀଶାଳ ମଧ୍ୟଯେ ଥାଇ ।
କେତେ ଅତ୍ୟାଚାର ସହି ସେହି ନର
ଉତ୍କଳକୁ କଲେ ତ୍ରାହି ।।

ଜାଣିଲା ଓଡ଼ିଶା ଆମ ମାତୃଭାଷା
ତାଙ୍କ ପାଇଁ ହେଲା ରକ୍ଷା ।
ଓଡ଼ିଆ ଜାତିର ସେ ମହାନ ବୀର
ଦେଇଗଲେ ମହା ଶିକ୍ଷା ।।


କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫

# ମନ ଦେଇଦେଲେ ମୌନୀ, ଅଳ୍ପ ଦିନରେ ବାଜିବ ଶାହାନାଇ



ଖୁବଶୀଘ୍ର ହାତକୁ ଦି ହାତ ହେବେ ଟେଲିଭିଜନର ନାଗୀନ୍। ଦୁବାଇର ଜଣେ ବ୍ୟବସାୟୀଙ୍କୁ ମନ ଦେଇଦେଲେ ବଲିଉଡ ଅଭିନେତ୍ରୀ ମୌନୀ ରୟ। ଅଳ୍ପ ଦିନରେ ତାଙ୍କର ବଜିବ ଶାହାନାଇ। ଏନେଇ ବି-ଟାଉନ ଗଳିରେ ଚର୍ଚ୍ଚା ଜୋର ଧରିଛି। ଦୀର୍ଘ ଦିନ ହେବ ମୌନୀ ଦୁବାଇ ସ୍ଥିତ ବ୍ୟାଙ୍କର ସୁରଜ ନାମ୍ବିଆରଙ୍କୁ ଡେଟ୍ କରୁଥିବା ନେଇ ଶୁଣିବାକୁ ମିଳୁଛି। ଏବେ ସେ ତାଙ୍କୁ ବିବାହ କରିବେ ବୋଲି ମଧ୍ୟ ଖବର ସାମ୍ନାକୁ ଆସିଛି।ଟାଇମ୍ସ ଅଫ୍? ଇଣ୍ଡିଆର ଏକ ଖବର ମୁତାବକ ଗତ କିଛି ଦିନତଳେ ଅଭିନେତ୍ରୀ ମୌନୀଙ୍କ ମା' ସୁରଜ ନାମ୍ବିୟାରଙ୍କ ପରିବାର ସହ ଭେଟିଥିଲେ। ସେଠାରେ ଉଭୟ ପରିବାର ମୌନୀ ଏବଂ ସୁରଜଙ୍କ ବିବାହକୁ ନେଇ କଥାବାର୍ତ୍ତା ହୋଇଥିବା ଜଣାପଡିଛି। କେବଳ ସେତିକି ନୁହେଁ ଉଭୟଙ୍କ ବିବାହ ତାରିଖ ମଧ୍ୟ ନିର୍ଦ୍ଧାରିତ ହୋଇସାରିଥିବା ବେଳେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇସାରିଥିବା ଚର୍ଚ୍ଚା ହେଉଛି। ରିପୋର୍ଟ ମୁତାବକ, ଏହି ଦେଖାସାକ୍ଷାତ ମନ୍ଦିରା ବେଦୀଙ୍କ ଘରେ ହୋଇଥିଲା। ଏହି ସମୟ ମୌନୀଙ୍କ ଭାଇ ମଧ୍ୟ ଉପସ୍ଥିତ ଥିଲେ। ମନ୍ଦିରା ବେଦୀ, ମୌନୀ ରୟ ପରସ୍ପର ଭଲ ବନ୍ଧୁ। ତେଣୁ ଏହି ସିକ୍ରଟ୍ ଭେଟଘାଟ ତାଙ୍କ ଘରେ ହୋଇଥିଲା। ତେବେ ସେ ଯାହା ହେଉ, ମୌନୀ ଏବଂ ସୁରଜଙ୍କ ବିବାହ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।

# ସଲମାନ୍-ଜନ୍ ଆବ୍ରାହମ୍ ଫାଇଟ୍



ଏଥର ଇଦ୍‌ରେ ସଲମାନ୍ ଖାନ୍ ଓ ଜନ୍ ଆବ୍ରାହମଙ୍କ ମଧ୍ୟ ଜୋରଦାର ଫାଇଟ୍ ଦେଖିବାକୁ ମିଳିବ। ପବିତ୍ର ଇଦ୍‌ରେ ସଲମାନଙ୍କ ଫିଲ୍ମ ରିଲିଜ୍ ହୋଇଥାଏ ଏବଂ ବକ୍ସ ଅଫିସରେ ରେକର୍ଡ କରିଥାଏ। ହେଲେ ଏଥର ଜନ୍ ଆବ୍ରାହମଙ୍କ ଫିଲ୍ମ 'ସତ୍ୟମେବ ଜୟତେ-୨' ଇଦ୍ ଅବସରରେ ମେ' ୧୩ ତାରିଖରେ ଥିଏଟରରେ ରିଲିଜ୍ ହେବାକୁ ଯାଉଛି। ବୁଧବାର ଜନ୍ ଫିଲ୍ମର ନୂଆ ପୋଷ୍ଟର ଶେଆର୍ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ହୋଇଛି ଯେ ସତ୍ୟମେବ ଜୟତେ-୨ରେ ଜନ୍ ଡବଲ୍ ରୋଲରେ ଆସିବେ। ଜନ୍ ଏହି ପୋଷ୍ଟର ସମ୍ବନ୍ଧରେ ସୂଚନା ଦେଇ ଟ୍ୱିଟ୍ କରିଛନ୍ତି, 'ଚଳିତ ବର୍ଷ ଇଦରେ ସତ୍ୟା ଓ ଜୟ ମଧ୍ୟରେ ମୁକାବିଲା ହେବ। ଦୁହେଁ ଭାରତ ମା'ର ଦୁଇ ପୁଅ।' ପୋଷ୍ଟରେ ଜନ୍‌ଙ୍କର ଗୋଟିଏ ଭୂମିକା ପୁଲିସ୍ ଅଫିସର ୟୁନିଫର୍ମରେ ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଏକ ଭୂମିକାରେ ତାଙ୍କୁ ସାଧାରଣ ପୋଷାକରେ ଦେଖିବାକୁ ମିଳିଛି। ସତ୍ୟମେବ ଜୟତେ-୨ର ନିର୍ଦ୍ଦେଶନା ଦେଉଛନ୍ତି ମିଲାପ ଜାଭେରୀ। 'ସତ୍ୟମେବ ଜୟତେ'ର ପ୍ରଥମ ଭାଗ ୨୦୧୮ରେ ରିଲିଜ୍ ହୋଇଥିଲା। ଭୂଷଣ କୁମାର, କ୍ରିଷ୍ଣା କୁମାରଙ୍କ ଟି-ସିରିଜ୍ ଏବଂ ମୋନିଶା ଆଡଭାନୀ, ମଧୁ ଭୋଜବାନୀ ଓ ନିଖିଲ ଆଡଭାନୀଙ୍କର ଏମ୍ମ ଏଣ୍ଟରଟେନମେଣ୍ଟ ଦ୍ୱାରା ସତ୍ୟମେବ ଜୟତେ-୨ର ନିର୍ମାଣ କରାଯାଇଛି। କିଛି ଦିନ ତଳେ ସଲମାନ୍ ଖାନ୍ ନିଜର ଆଗାମୀ ଫିଲ୍ମ 'ରାଧେ'ର ପ୍ରଥମ ପୋଷ୍ଟର ସହ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଥିଲେ। ସଲମାନ୍ କହିଥିଲେ, ଇଦ୍ କା ବାଦା ଥା, ଇଦ୍ ପର୍ ହିଁ ଆୟେଙ୍ଗେ, କ୍ୟୁଙ୍କି ଏକ ବାର୍ ଜୋ ମୈନେ...। ସଲମାନ୍ ନିଜର ଚିରାଚରିତ ଢଙ୍ଗରେ ଏହି ପୋଷ୍ଟର୍ ରିଲିଜ୍ କରିଥିଲେ। ଏହି ଫିଲ୍ମ ଚଳିତ ବର୍ଷ ଇଦ୍ ଅର୍ଥାତ୍ ମେ' ୧୩ ତାରିଖରେ ରିଲିଜ୍ ହେବ।

# ଓଡିଆ ଫିଲ୍ମ "ପ୍ରେମୀ ଆୱାରା"ର ଶୁଭ ମହୁରତ



ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଆଗାମୀ ଓଡିଆ ଫିଲ୍ମ "ପ୍ରେମୀ ଆୱାରା"ର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଦିନରେ ଖୁବଶୀଘ୍ର ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ । ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଲବମ୍ ଜଗତର ସୁପରହିଟ୍ ଯୋଡି ଲୁବୁନ-ଟୁବୁନ୍ । ଦୁଇ ଚର୍ଚ୍ଚିତ ନିର୍ଦ୍ଦେଶକଙ୍କ ୫ମ ଫିଲ୍ମ ଭାବେ ଏହା ଦର୍ଶକଙ୍କ ସାମ୍ନାକୁ ଆସିବ । ଏଥିରେ ପ୍ରଥମ ଥର ପାଇଁ ଦର୍ଶକ ନୂଆ ଯୋଡି ଭାବେ ଓମ୍‌କାର ଓ ଅଙ୍କିତାଙ୍କ ଅନସ୍କ୍ରିନ୍ କେମିଷ୍ଟ୍ରି ଦେଖିବାକୁ ପାଇବେ । ଫିଲ୍ମର ଶୁଭ ମହରୁତ ଅବସରରେ ପ୍ରଯୋଜକ ପ୍ରଭାତୀ ଆଚାର୍ଯ୍ୟ, ନିର୍ଦ୍ଦେଶକ ଲୁବୁନ୍-ଟୁବୁନ୍ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାରଙ୍କ ସମେତ ଅନ୍ୟ କଳାକାର ପ୍ରମୁଖ ଉପସ୍ଥିତ ଥିଲେ । ନିଛକ ଓଡିଆ କାହାଣୀ ଉପରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର କାହାଣୀ ଭାର ସମ୍ଭାଳିଛନ୍ତି ଦୁର୍ଗା ଆଚାର୍ଯ୍ୟ । ସେହିଭଳି ଡାଇଲଗ ଦାୟିତ୍ୱ ତୁଲାଇଛନ୍ତି ସଂଜୟ ମହାକୁଳ । ଫିଲ୍ମର କାହାଣୀକୁ ବାଦ୍ ଦେଲେ ଏଥିରେ ୫ଟି ଗୀତ ଦର୍ଶକଙ୍କ ସାମ୍ନାକୁ ଆସିବ । ଲଭ, ରୋମାନ୍ସ, ଡ୍ରାମା ଓ ଟ୍ରାଜେଡି ଉପରେ ଆଧାରିତ ଏହି ଫିଲ୍ମରେ ସରୋଜ ଦାସ, ଟନିଆ, ରିସ୍ମା ଓ କାଳିଆଙ୍କ ଭଳି କଳାକାରଙ୍କୁ ଅନ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ । ମହୁରତ ଅବସରରେ ଫିଲ୍ମର ସୁଟିଂ ଆସନ୍ତା ମାର୍ଚ୍ଚ ୧୨ ତାରିଖରୁ ଆରମ୍ଭ ହେବ ବୋଲି କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ପ୍ରକାଶ କରିଥିଲେ ।

# ଗୌହରଙ୍କୁ ଝଟ୍‌କା

## ଇଣ୍ଡଷ୍ଟ୍ରିରୁ ବ୍ୟାନ୍

କୋଭିଡ ନିୟୟ ଉଲ୍ଲଙ୍ଘନ କରିବା ପଡିଲା ମହଙ୍ଗା। ପ୍ରଥମେ ନିୟମ ଭାଙ୍ଗିଥିଲେ ଏବଂ ଇଣ୍ଡଷ୍ଟ୍ରିରୁ ବ୍ୟାନ୍ ହେଲେ। ଟେଲିଭିଜନ ତଥା ବଲିଉଡ ଅଭିନେତ୍ରୀ ଗୌହର ଖାନ୍‌ଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବ୍ୟାନ୍ କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ତାଙ୍କୁ ଜୋରଦାର ଝଟ୍‌କା ଲାଗିଛି। ଫେଡରେସନ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲାଇଜ (FWICE) ଗୌହର ଖାନ୍‌ଙ୍କୁ ଦୁଇ ମାସ ପାଇଁ ଇଣ୍ଡିଷ୍ଟ୍ରିରୁ ବ୍ୟାନ୍ କରିବା ପାଇଁ ନିଷ୍ପତ୍ତି ନେଇଛି। କରୋନା ପଜିଟିଭ ହେବା ସତ୍ତ୍ୱେ ଫୁଲ୍ମ ସୁଟିଂରେ ସାମିଲ ହୋଇଥିବା ନେଇ ଫେଡରେସନ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲାଇଜ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେବଳ ସେତିକି ନୁହେଁ ଅଭିନେତ୍ରୀଙ୍କ ଏଭଳି ନିୟମ ଉଲ୍ଲଙ୍ଘନକୁ ନେଇ ତାଙ୍କ ଉପରରେ କ୍ରୋଧ ପ୍ରକାଶ କରିଛି ଏଫ୍‌ଡବ୍ଲୁଆଇସିଇ। ଏଫ୍‌ଡବ୍ଲୁଆଇସିଇର ଅଧ୍ୟକ୍ଷ ବି.ଏମ୍ ତିୱାରୀ କହିଛନ୍ତି, କରୋନା ପଜିଟିଭ ହେବା ସତ୍ତ୍ୱେ ଗୌହର ଖାନ ଏଭଳି ହୋମ କ୍ୱାରେଣ୍ଟନର ନିୟମ ଉଲ୍ଲଙ୍ଘନ କରିବା ସବୁଠାରୁ ଲଜ୍ୟାଜନକ ବିଷୟ। ନିୟମ ଭାଙ୍ଗିବା ସହ ସେ ଅନ୍ୟ ଲୋକଙ୍କ ଜୀବନକୁ ମଧ୍ୟ ବିପଦରେ ପକାଇଛନ୍ତି। ବିଏମ୍‌ସି ତାଙ୍କ ହାତରେ ଷ୍ଟାମ୍ପ ଲଗାଇଥିଲା। ଏହାପରେ ମଧ୍ୟ ଘରୁ ବାହାରକୁ ବାହାରି ବୁଲିବା ଏବଂ ସୁଟିଂ କରିବା ଜଣେ ଅଭିନେତ୍ରୀଙ୍କୁ ଶୋଭା ଦେଉନାହିଁ। ଆଜିର ଦିନରେ ବଡ ବଡ ଷ୍ଟାରମାନେ ମଧ୍ୟ କରୋନା ନିୟମ ପାଳନ କରୁଛନ୍ତି। ତେବେ ଗୌହର କରୋନାକୁ ଏଭଳି ଅଣଦେଖା କରିବା ଉଚିତ ନଥିଲା। ଏଥିପାଇଁ ଫେଡେରସନ ତାଙ୍କୁ ଇଣ୍ଡଷ୍ଟ୍ରିରୁ ୨ ମାସ ପାଇଁ ବ୍ୟାନ୍ କରିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ଦିନ ମୁମ୍ବାଇ ବିଏମ୍‌ସି କରୋନା ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଗୌହରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଥିଲା। ପରେ ଓଶିୱାରା ପୁଲିସ ଷ୍ଟେସନ ମହାମାରୀ ଅଧିନୟମ ଅନୁଯାୟୀ ବିଭିନ୍ନ ଆଇପିସି ଧାରାରେ ଗୌହରଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏଫ୍‌ଆଇଆର ରୁଜୁ ହେବା ପରେ ଚୁପ୍ ବସିଥିବା ଗୌହର ଖାନଙ୍କ ସୋମବାର ଦିନ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଥିଲା। ସେ କହିଥିଲେ, ତାଙ୍କ କରୋନା ରିପୋର୍ଟ ନେଗେଟିଭ ଆସିଛି। ସେ ବିଏମ୍‌ସିକୁ ପୁରାପୁରି ସହଯୋଗ କରୁଛନ୍ତି। ତାଙ୍କ ବିରୋଧରେ ଏଭଳି ଭୁଲ୍ ଅଭିଯୋଗ ଆଣିବା ଉଚିତ ନୁହେଁ ବୋଲି ସେ କହିଥିଲେ।



# ପୁଣି ବଢ଼ିଲା ରିଆଙ୍କ ଅଡୁଆ

ଦିବଂଗତ ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀ ପୁଣିଥରେ ଅଡୁଆରେ ପଡ଼ିବାକୁ ଯାଉଛନ୍ତି। ଗତବର୍ଷ ବମ୍ବେ ହାଇକୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ତାଙ୍କ ଜାମିନ୍‌କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଛି। ରିଆ ସୁଶାନ୍ତଙ୍କ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ମଧ୍ୟ। ସିବିଆଇ ଏହାର ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ସୁଶାନ୍ତଙ୍କ ମୃତ୍ୟୁ ଘଟଣା ସହ ଜଡ଼ିତ ଡ୍ରଗ୍ସ ମାମଲାରେ ଏନ୍‌ସିବି ଗତବର୍ଷ ରିଆଙ୍କୁ ଗିରଫ କରିଥିଲା। ମାସାଧିକ କାଳ ସେ ଜେଲ୍‌ରେ ରହିବା ପରେ ତାଙ୍କୁ ବମ୍ବେ ହାଇକୋର୍ଟ ଜାମିନ୍ ପ୍ରଦାନ କରିଥିଲେ। ଏବେ ଏନ୍‌ସିବି ବମ୍ବେ ହାଇକୋର୍ଟଙ୍କ ଉକ୍ତ ନିଷ୍ପତ୍ତିକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଛି।




# ସୋସିଆଲ ମିଡିଆରୁ ବିଦାୟ ନେଲେ ଆମିର



ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାଁ ଆଜି ସୋସିଆଲ ମିଡିଆକୁ ଅଲ୍‌ବିଦା କହିଛନ୍ତି। ଗତକାଲି ତାଙ୍କ ଜନ୍ମଦିନ ଥିବା ବେଳେ ଆଜି ସେ ଏପରି ଘୋଷଣା କରି ତାଙ୍କ ପ୍ରଶଂସକଙ୍କୁ ଆଚମ୍ବିତ କରିଛି। ତେଣୁ ଆମିରଙ୍କୁ ଆଉ ଇନ୍‌ଷ୍ଟାଗ୍ରାମ୍ କିମ୍ବା ଟ୍ୱିଟରରେ ଦେଖିବାକୁ ମିଳିବ ନାହିଁ ବୋଲି ଜଣାଯାଇଛି। ଏ ସଂପର୍କରେ ଆମିର ନିଜେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଉକ୍ତ ଟ୍ୱିଟ୍‌ରେ ସେ ଉଲ୍ଲେଖ କରିଛନ୍ତି ଯେ ଜନ୍ମ ଦିନରେ ଆପଣମାନେ ମୋତେ ଅଜସ୍ର ଭଲପାଇବା ଦେଇଥିବାରୁ ବହୁତ ବହୁତ ଧନ୍ୟବାଦ। ତେବେ ଏହା ସୋସିଆଲ ମିଡିଆରେ ମୋର ଶେଷ ପୋଷ୍ଟ। କିନ୍ତୁ ଆମେମାନେ ପୂର୍ବପରି କଥାବାର୍ତ୍ତା ଜାରି ରଖିବା। ଅଧିକନ୍ତୁ, ଆମିର ଖାନ୍ ପ୍ରଡକ୍ସନ୍ସ (ଏକେପି) ଗୋଟିଏ ଅଫିସିଆଲ ଟ୍ୱିଟର ଆକାଉଣ୍ଟ ଖୋଲା ଯାଇଛି। ସେଥିରେ ମୁଁ ଓ ମୋ ଆଗାମୀ ଚଳଚ୍ଚିତ୍ର ସଂପର୍କରେ ଆପଣମାନେ ଜାଣିପାରିବେ। ଆପଣମାନଙ୍କୁ ମୋର ଅଜସ୍ର ଭଲପାଇବା। ଆମିରଙ୍କ ଏହି ଶେଷ ଟ୍ୱିଟ୍ ପରେ ତାଙ୍କ ଆକାଉଣ୍ଟଟି ଅଚଳ ହୋଇଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଟ୍ୱିଟ ?ରେ ଆମିରଙ୍କ ୨୬.୭ ମିଲିଅନ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ୩.୬ ମିଲିଅନ୍ ପ୍ରଶଂସକ ଥିଲେ। ଆମିରଙ୍କୁ ଶେଷଥର ପାଇଁ ଦର୍ଶକେ 'କୋଇ ଜାନେ ନା' ଚଳଚ୍ଚିତ୍ରର 'ହରଫନ୍ ମେଲା' ସଂଗୀତରେ ଦେଖିବାକୁ ପାଇଥିଲେ। ତେବେ ଖୁବ୍‌ଶୀଘ୍ର ଆମିରଙ୍କ ଅଭିନୀତ 'ଲାଲ ସିଂହ ଚଢ଼ା' ବଡ଼ ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି।

# ଓସ୍କାର ଦୌଡ଼ରେ 'ଦି ହ୍ୱାଇଟ୍ ଟାଇଗର'

ବିଶ୍ୱ ସିନେମାର ଶ୍ରେଷ୍ଠ ସମ୍ମାନ ଓସ୍କାର ଭାବେ ପରିଚିତ ଏକାଡେମି ପୁରସ୍କାର ପାଇଁ ଆଜି ବିଭିନ୍ନ ନାମ ସୁପାରିସ କରାଯାଇଛି। ଆଜି ସକାଳେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ତାଙ୍କ ସ୍ୱାମୀ ତଥା ଗାୟକ ନିକ୍ ଜୋନାସ୍ ଓସ୍କାର-୨୦୨୧ ବା ୯୩ତମ ଏକାଡେମି ପୁରସ୍କାରର ବିଭିନ୍ନ ବିଭାଗ ପାଇଁ ଏହି ନାମଗୁଡ଼ିକ ଘୋଷଣା କରିଛନ୍ତି। ସେଥିରେ ନିଜେ ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିବା ଅଭିନୀତ 'ଦି ହ୍ୱାଇଟ୍ ଟାଇଗର' ଚଳଚ୍ଚିତ୍ର ନାମକୁ ଶ୍ରେଷ୍ଠ ଅନୁକୂଳିତ ପ୍ରଚ୍ଛଦପଟ ବର୍ଗ ପାଇଁ ସୁପାରିସ କରାଯାଇଛି।



ସେହିପରି ଶ୍ରେଷ୍ଠ ସିନେମାବର୍ଗ ପାଇଁ 'ଦି ଫାଦର', 'ଜୁଡାସ୍ ଆଣ୍ଡ ଦି ବ୍ଲାକ ମେସିହା', 'ମାଙ୍କ୍', 'ମିନାରି', 'ନୋମାଡ଼ଲାଣ୍ଡ', 'ପ୍ରମିଜିଂ ୟଙ୍ଗ୍ ଓମାନ୍', 'ସାଉଣ୍ଡ ଅଫ୍ ମେଟାଲ୍' ଓ 'ଦି ଟ୍ରାଏଲ ଅଫ୍ ଦି ସିକାଗୋ' ଆଦି ନାମ ରହିଛି। ଶ୍ରେଷ୍ଠ ନିର୍ଦ୍ଦେଶକ ପାଇଁ ଥମାସ ଭିଣ୍ଟରବର୍ଗ(ଆନାଦର ରାଉଣ୍ଡ), ଏମରାଲ୍ଡ ଫେନ୍ନେଲ(ପ୍ରମିଜିଂ ୟଙ୍ଗ ଓମେନ୍), ଡେଭିଡ୍ ଫିଞ୍ଚର(ମାଙ୍କ୍), ଲି ଆଇଜାକ୍ ଚଙ୍ଗ୍ (ମିନାରି) ଓ କ୍ଲୋ ଝାଓ(ନୋମାଡ଼ଲାଣ୍ଡ)ଙ୍କ ନାମ ସୁପାରିସ କରାଯାଇଛି। ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ବର୍ଗ ପାଇଁ ମଧ୍ୟ ୫ଟି ଲେଖାଏଁ ନାମ ସୁପାରିସ କରାଯାଇଛି।




# ସ୍ୱାମୀଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଲେ ହଲିଉଡ ଅଭିନେତ୍ରୀ

ହଲିଉଡର ପ୍ରସିଦ୍ଧ ସେଲେବ୍ରିଟି ଦମ୍ପତିଙ୍କ ସମ୍ପର୍କରେ ଫାଟ। ଅଭିନେତ୍ରୀ ଆଞ୍ଜୋଲିନା ଜଲି ଏବଂ ବ୍ରାଡ୍? ପିଟଙ୍କ ଛାଡପତ୍ର ପରେ ମଧ୍ୟ ସୁଧୁରରୁନି ସମ୍ପର୍କ। ଛାଡ଼ପତ୍ର ପରେ ସ୍ୱାମୀଙ୍କ ବିରୋଧରେ ସେ ଆଣିଛନ୍ତି ସଂଘାତିକ ଅଭିଯୋଗ। ଅଭିନେତ୍ରୀ ଆଞ୍ଜୋଲିନା ତାଙ୍କ ସ୍ୱାମୀ ବ୍ରାଡ୍ ପିଟ୍‌ଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଆଣିଛନ୍ତି। ଏନେଇ ତାଙ୍କ ପାଖରେ ପୁରା ପ୍ରମାଣ ଥିବା ମଧ୍ୟ ସେ କହିଛନ୍ତି। କେବଳ ସେତିକି ନୁହେଁ ଏ ସବୁ ପ୍ରମାଣ ଏବଂ କିଛି ଡକ୍ୟୁମେଣ୍ଟ କୋର୍ଟରେ ଦେବା ପାଇଁ ରାଜି ଅଛନ୍ତି ଆଞ୍ଜୋଲିନା। ସୂଚନାଯୋଗ୍ୟ ଯେ, ଦୀର୍ଘ ୧୨ ବର୍ଷ ଧରି ଲିଭ୍-ଇନ୍ ରିଲେସନରେ ରହିବା ପରେ ୨୦୧୪ରେ ବ୍ରାଡ୍ ପିଟ୍ ଏବଂ ଆଞ୍ଜୋଲିନା ବିବାହ କରିଥିଲେ। କିନ୍ତୁ ବିବାହର ୨ ବର୍ଷ ପରେ ଉଭୟ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଦୁହିଁଙ୍କ ମଧ୍ୟରେ ଥିବା ସମସ୍ୟା କେବେ ସମାଧାନ ହୋଇପାରିବ ନାହିଁ ବୋଲି କହି ଉଭୟ କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ। ନିଜ ପିଲା ଛୁଆ ଏବଂ ପରିବାରର ସୁଖ ଶାନ୍ତି ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଆଞ୍ଜୋଲିନା କହିଥିଲେ। ୨୦୧୯ରେ ଆଞ୍ଜୋଲିନା ଏବଂ ବ୍ରାଡ ପିଟ୍ ଛାଡପତ୍ର ଉପରେ କୋର୍ଟ ମୋହର ଲଗାଇଥିଲେ। ଏବେ ତାଙ୍କ ଛଅ ଜଣ ପିଲାଙ୍କ କଷ୍ଟଡିକୁ ନେଇ କୋର୍ଟରେ ମାମଲା ବିଚାରଧୀନ ରହିଛି। ଏହାରି ଭିତରେ ଆଞ୍ଜୋଲିନା ବ୍ରାଡ୍‌ଙ୍କ ବିରେଧରେ ଏଭଳି ସାଙ୍ଘାତିକ ଆଭିଯୋଗ ଆଣିଛନ୍ତି। ୨୦୧୬ରେ ବ୍ରାଡ ଏବଂ ତାଙ୍କ ବଡ ପୁଅ ମାଡକ୍ସଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାପରେ ଦୁହେଁ ପରସ୍ପରଠାରୁ ଭିନ୍ନ ହୋଇଯାଇଥିଲେ। ଏକ ସାକ୍ଷାତକାରରେ ଏହାକୁ ନେଇ ଆଞ୍ଜୋଲିନା କହିଥିଲେ, "ମୁଁ ମୋ ପିଲାଛୁଆ ଏବଂ ଛାଡପତ୍ର ଭଳି ଯନ୍ତ୍ରଣା ଦେଇ ଗତି କରୁଛି, ଏହା ବେଶ୍ ଯନ୍ତ୍ରଣା ଦାୟକ।"



# ଖାଉଟିଙ୍କୁ ଠକୁଥିବା ୩୯୭ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ହୋଇଛି ମାମଲା

ଭୁବନେଶ୍ୱର,୧୮।୩ (ନି.ପ୍ର): ଚଳିତ ବର୍ଷ ଫେବୃଆରୀ ସୁଦ୍ଧା ଖାଉଟିଙ୍କୁ ଠକୁଥିବା ଅଭିଯୋଗରେ ୩୯୭ ଜଣ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ସେମାନଙ୍କ ଠାରୁ ୭,୧୯,୫୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ବିଧାୟକ ଅଶ୍ୱିନି କୁମାର ପାତ୍ରଙ୍କ ବଟକରା ଯାଂଚର ନୀତି ନିୟମ ସମ୍ପର୍କିତ ତାରକା ଚିହ୍ନିତ ପ୍ରଶ୍ନର ଉତରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବୈଧ ମାପ ବିଜ୍ଞାନ ନିରୀକ୍ଷକଙ୍କ ଦ୍ୱାରା ବଟକରା ନବୀକରଣ କରାଯାଇଥାଏ । ଯାଂଚ ବେଳେ ଓଜନ ଠକୁଥିବା ବ୍ୟବସାୟୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

## ଜିଲ୍ଲାକୁ ନଫେରିବା ପାଇଁ ପ୍ରବାସୀଙ୍କୁ ଗଞ୍ଜାମ ଜିଲ୍ଲାପାଳଙ୍କ ପରାମର୍ଶ

ଗଞ୍ଜାମ,୧୮।୩ (ନି.ପ୍ର): ପ୍ରବାସୀଙ୍କୁ ବର୍ତମାନ ଜିଲ୍ଲାକୁ ନଫେରିବା ପାଇଁ ପରାମର୍ଶ ଦେଇଛନ୍ତି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ । ଏପରିକି ଯେଉଁ ପ୍ରବାସୀ ମାନେ ଫେରିଛନ୍ତି ସେମାନଙ୍କ ଉପରେ ତୀକ୍ଷ୍ମ ନଜର ରଖିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ରହିଛି । ଜିଲ୍ଲାର କୋଭିଡ୍ ସ୍ଥିତି ନେଇ ସମସ୍ତ ବିଡ଼ିଓ ଓ ତହସିଲଦାରଙ୍କ ସହିତ ଜିଲ୍ଲାପାଳଙ୍କ ଏକ ସମୀକ୍ଷା ଆଜି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ କୋଭିଡ୍ ନିୟମ ପାଳନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । କଟକଣା ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିବିଶେଷ ମାନଙ୍କୁ ଦଣ୍ଡିତ କରିବାକୁ ସେ ନିର୍ଦ୍ଦେଶ ଜାରୀ କରିଛନ୍ତି । ଆହୁରି ମଧ ସେ କହିଛନ୍ତି ଯେ, ଜିଲ୍ଲାର ସ୍ଥିତି ବର୍ତମାନ ଭଲ ରହିଛି ।

# ଜିଲ୍ଲାସ୍ତରୀୟ କୃଷିପ୍ରଦର୍ଶନୀ ଉଦ୍‌ଘାଟିତ

ମାଲକାନଗିରି,୧୮।୩ (ନି.ପ୍ର): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ପାଂଚ ଦିବସୀୟ ଜିଲ୍ଲା ସ୍ତରୀୟ କୃଷି ପ୍ରଦର୍ଶନୀ ଅତିରିକ୍ତ ଜିଲ୍ଲାପାଳ ବିରସେନ୍ ପ୍ରଧାନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ମୁଖ୍ୟ କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ମଧୁସୁଦନ ଦଳେଇ ଜିଲ୍ଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଜିଲ୍ଲା ଜଳବିଭଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭାଗିରଥି ରାଉତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଅନୁଜ ରାୟ । ଓଡ଼ିଶା ମିଲେଟ ମିଶନ ଜିଲ୍ଲା ସଂଯୋଜକ ଅନିକେତ ଲାକେରି ଓ ସମନ୍ୱିତ କୃଷି ଯୋଜନା ସହକାରୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ମାଝୀ ଓଡ଼ିଶା ଜୀବିକା ମିଶନ ତଥା ଡିଆର୍ ଡିଏ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବାଲାଜୀ ପଟ୍ଟନାୟକ ଆଦି ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ଥିଲା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରଦର୍ଶନ । ଭାଗିଦାର୍ ମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବ ବିନିମୟ । ନୀତି ପ୍ରଣୟନ କାରୀ ଗବେଷକ ଯୋଜନା ନିର୍ଦ୍ଧାରଣ କାରୀ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ସ୍ଥାପନ ।କୃଷକ ଓ ବୈଜ୍ଞାନିକ ମଧ୍ୟ ରେ ବିଷୟ ଭିତିକ କର୍ମଶାଳା ।ଅଗ୍ରଣୀ କୃଷକ ଓ ଅନ୍ୟାନ୍ୟ ଅଂଶିଦାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜଙ୍ଗଲରେ ନିଆଁ ଲିଭାଇଲେ ସ୍ୱେଚ୍ଛାସେବୀ

ମାଲକାନଗିରି ,୧୮।୩ (ନି.ପ୍ର): ମାଲକାନଗିରିରେ ଜଙ୍ଗଲ ନିଆଁକୁ ଆୟତ କରିବା ପାଇଁ ଆଗକୁ ଆସିଲେ ସ୍ୱେଚ୍ଛାସେବୀ । ପଦ୍ମଗିରିସ୍ଥିତ ବଜରଙ୍ଗ କମିଟିର ସଦସ୍ୟ ମାନେ ବୈଲାପାରି ଗ୍ରାମକୁ ଗସ୍ତ କରୁଥିବା ସମୟରେ ରାସ୍ତା ପାଖରେ ଥିବା ଏକ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ । ଏହି ନିଆଁ ଆସ୍ତେ ଆସ୍ତେ ଗୋଟିଏ ପରେ ଗୋଟିଏ ଗଛରେ ଲାଗିବା ସହ ନିଆଁ ନିଜର କାୟା ବିସ୍ତାର କରୁଥିବା ଦେଖିଥିଲେ । ଏହା ପରେ ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିବା ସହ ବନ ବିଭାଗକୁ ସୂଚନା ଦେଇଥିଲେ । ଦୀର୍ଘ ୨ ଘଂଟା ଧରି ଚେଷ୍ଟା କରିବା ପରେ ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ । ଏହା କେବଳ ବନ ବିଭାଗର କାମ ନୁହେଁ ଯଦି କୌଣସି ସ୍ଥାନରେ ନିଆଁ ଲାଗିଥିବା ଦେଖା ଯାଏ ତେବେ ଏହାକୁ ରୋକିବା ସମସ୍ତଙ୍କର କର୍ତବ୍ୟ ବୋଲି ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି । ଏଥିରେ କମିଟିର ସଦସ୍ୟ ସମାରୁ ପଡ଼ିଆମି, ରାଜେନ୍ଦ୍ର ଦତ, କର୍ଣ୍ଣ ମାଡ଼କାମି, କାର୍ତିକ ମାଡ଼ି, ଲଳିତ କୁମାର ଭୂତଡ଼ା ଓ ବିଷ୍ଣୁ ମାଡ଼କାମି ନିଆଁ ଲିଭାଇଥିଲେ । ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ୨୦୨୦ ମାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ଏସଟିଏସସି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୮।୩ (ନି.ପ୍ର): ଆଜି ସ୍ଥାନୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ୨୦୨୦ ବର୍ଷର ମାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ଏସ୍.ଟିଏସ୍.ସି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ୧୦୦ ଜଣ କୃତୀ ଛାତ୍ରଛାତ୍ରୀ ଓ ମାଟ୍ରିକ ପରୀକ୍ଷାରେ ସଫଳତା ପ୍ରଦର୍ଶନ କରିଥିବା ୨୧ଟି ଜିଲ୍ଲାର ୫୦ଟି ଶ୍ରେଷ୍ଠ ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସାରକା କହିଲେ ଯେ ବିଭାଗୀୟ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି । ଶିକ୍ଷକମାନଙ୍କ ପ୍ରେରଣା ଓ ପ୍ରତିବଦ୍ଧତା ଯୋଗୁଁ ଆଜି ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିପାରିଛନ୍ତି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା କହିଲେ ଯେ, କରୋନା ମହାମାରୀର ପ୍ରଭାବ ସତ୍ତ୍ୱେ ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗର ଯେଉଁ ଛାତ୍ରଛାତ୍ରୀମାନେ ୨୦୨୦ ବର୍ଷର ମାଟ୍ରିକ୍ ପରୀକ୍ଷାରେ ସଫଳ ହୋଇଛନ୍ତି ସେମାନେ କେବଳ ନିଜ ବିଦ୍ୟାଳୟ ନୁହେଁ ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗ ପାଇଁ ଗର୍ବ ଓ ଗୌରବର ଅଧିକାରୀ । ଏହି ଉତ୍ସବରେ ସ୍ୱାଗତ ଭାଷଣ ଦେଇ ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର(ଡଃ) ଅଖିଳ ବିହାରୀ ଓତା କହିଲେ ଯେ, ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏସ୍.ଟି, ଏସ୍.ସି ବର୍ଗର ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ନିମନ୍ତେ ବିଭାଗ ଉଦ୍ୟମ ଜାରି ରଖିଛି । ମାଟ୍ରିକ୍ ପରୀକ୍ଷାରେ ବିଭାଗୀୟ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଉତୀର୍ଣ୍ଣ ହୋଇଥିବାରୁ ଆମେ ଗର୍ବିତ । ୨୦୨୦ ବର୍ଷର ମାଟ୍ରିକ୍ ପରୀକ୍ଷାରେ ୪୦୧ଟି ଉଚ୍ଚ ବିଦ୍ୟାଳୟର ୨୭ ହଜାର ୬୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୨୩ ହଜାର ୭୯୪ ଜଣ ଉତୀର୍ଣ୍ଣ ହୋଇଥିଲେ । ଏ-୧ ଗ୍ରେଡ୍‌ରେ ୫ ଜଣ, ଏ ଗ୍ରେଡ୍‌ରେ ୫୨ ଜଣ, ବି-୧ ଗ୍ରେଡ୍‌ରେ ୨୮୩ ଜଣ, ବି ଗ୍ରେଡ୍‌ରେ ୧୧୦୧ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ବିଭାଗୀୟ ବିଦ୍ୟାଳୟର ପାସହାର ଶତକଡ଼ା ୮୫.୯୯ ଥିବାବେଳେ ରାଜ୍ୟର ପାସହାର ୭୮.୭୬% ରହିଛି । ପରୀକ୍ଷାରେ ଉତ୍କର୍ଷ ଲାଭ କରିଥିବା ପ୍ରଥମ ତିନିଜଣ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ହାଇସ୍କୁଲର କୁମାରୀ ସ୍ମୃତିସ୍ନିତା ଜେନା, କନ୍ଧମାଳ ଜିଲ୍ଲାର ଜଳେଶପଟା ଉଚ୍ଚ ବାଳିକା ବିଦ୍ୟାଳୟର ମିନାକ୍ଷୀ ମଲ୍ଲିକ ଓ ଖୋର୍ଦ୍ଧା ଜିଲ୍ଲାର ତପୋବନ ହାଇସ୍କୁଲର ଆଶିଷ କୁମାର ବାଦରା । ପରୀକ୍ଷାରେ ସଫଳତା ପାଇଥିବା ସେହିଭଳି ପ୍ରଥମ ତିନୋଟି ଶ୍ରେଷ୍ଠ ବିଦ୍ୟାଳୟ ହେଉଛନ୍ତି, ମାଲକାନଗିରି ଜିଲ୍ଲାର ସରକାରୀ(ଏସ୍‌ଏସ୍‌ଡି) ହାଇସ୍କୁଲ, ପଦ୍ମଗିରି, କନ୍ଧମାଳ ଜିଲ୍ଲାର ମାନଦାକିଆ ସରକାରୀ ଉଚ୍ଚବିଦ୍ୟାଳୟ ଓ ଖୋର୍ଦ୍ଧା ଜିଲ୍ଲାର ତପୋବନ ହାଇସ୍କୁଲ, ଖଣ୍ଡଗିରି । ମନ୍ତ୍ରୀ ଶ୍ରୀ ସାରକା ଭର୍ଚୁଆଲ୍ ମୋଡ୍‌ରେ ୧୮ଟି ଜିଲ୍ଲାର ୧୦୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଶବ୍ଦକୋଷ, ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରତ୍ୟେକ କୃତୀ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଂଟକୁ ପୂର୍ବରୁ ୧ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଶେଷରେ ବିଭାଗୀୟ ଯୁଗ୍ମ ସଚିବ ଶ୍ରୀ ଅସିତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଲବାଣୀରେ ଜିଲ୍ଲାସ୍ତରୀୟ ୫ ଦିନିଆ କୃଷି ମହୋତ୍ସବ

କନ୍ଧମାଳ,୧୮।୩ (ନି.ପ୍ର): କନ୍ଧମାଳ ଜିଲ୍ଲା କୃଷି କାର୍ଯ୍ୟାଳୟ ଫୁଲବାଣୀରେ ଜିଲ୍ଲା କୃଷି ମହୋତ୍ସବ ଓ କୃଷି ପ୍ରଦର୍ଶନୀ ଜିଲ୍ଲାପାଳ ଡା.ବୃନ୍ଦା ଡି ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ରାଜ୍ୟସ୍ତରୀୟ କୃଷି ମହୋତ୍ସବ-କୃଷି ଓଡିଶା ଉଦଘାଟନ କାର୍ଯ୍ୟକ୍ରମକୁ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଚାଷୀ ଭାଇ ମାନେ ଭର୍ଚୁଆଲ ମାଧ୍ୟମରେ ଦେଖିବା ସହିତ କୃଷି ପ୍ରଦର୍ଶନୀରେ ଥିବା କୃଷି ଓ ବୈଷୟିକ ସରଂଜାମ ଦେଖିବା ସହିତ ଜାଣିଥିଲେ । ପାଂଚ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତିଦିନ ବିବିନ୍ନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ପ୍ରଭୃତି ଆୟୋଜନ କରାଯିବା ହୋ ସହିତ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ପରିଚାଳନା କରିଥିବା ବେଳେ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ,ଭାରପ୍ରାପ୍ତ ଜିଲ୍ଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ କବିତା ରଥ,ଆତ୍ମା ସଂସ୍ଥାର ଉପ ପ୍ରୋଜେକ୍ଟ ନିର୍ଦ୍ଦେଶକ ଅନୀଲ କୁମାର ପ୍ରହରାଜ,ଫୁଲବାଣୀ କୃଷି ଅଧିକାରୀ ରବି ନାରାୟଣ ନାୟକ,କ.ନୂଆଗାଁ କୃଷି ଅଧିକାରୀ ପ୍ରଶାନ୍ତ କୁମାର ସାହୁ,ଘୁ.ଉଦୟଗିରି କୃଷି ଅଧିକାରୀ ଅଜୟ କୁମାର ପରିଡାଡେପୁଟି ମ୍ୟାନେଜର ଓଏଆଇସି ପ୍ରଫୁଲଲ୍ କୁମାର ସେଠୀ ଓ ଅତିରିକ୍ତ କୃଷି ନିର୍ବାହି ଯନ୍ତ୍ରୀ ପ୍ରଭାସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# କୃଷି ଓଡ଼ିଶାର ତୃତୀୟ ଦିବସ

ଭୁବନେଶ୍ୱର,୧୮।୩ (ନି.ପ୍ର): ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟ କୃଷି କ୍ଷେତ୍ରରେ ପ୍ରଭୂତ ଉନ୍ନତି କରିଛି । ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତିକୁ ଅଗ୍ରାଧିକାର ପ୍ରଦାନ କରି ଅନେକ ନୂତନ ବିକାଶମୂଳକ ଯୋଜନା କରିଛନ୍ତି, ଯେଉଁଥିରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ସମୟୋଚିତ କୃଷି ନୀତି, ସ୍ୱତନ୍ତ୍ର କୃଷି ବଜେଟ, କୃଷି କ୍ୟାବିନେଟ୍ ଆଦି ମାଧ୍ୟମରେ କୃଷିର ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରାଯାଉଛି ବୋଲି ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି । ଆଜି 'କୃଷି ଓଡ଼ିଶା-୨୦୨୧'ର ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ରାଉତ କହିଲେ ଯେ ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଯୋଗାଇ ଦେଉଥିବା ସୁବିଧା ଓ ସୁଯୋଗ ଏବଂ ପ୍ରୋତ୍ସାହନର ସୁଯୋଗ ନେଇ ଯୁବକଯୁବତୀମାନେ କୃଷି କ୍ଷେତ୍ରରେ ମନୋନିବେଶ କଲେ ଓଡ଼ିଶାର କୃଷି କ୍ଷେତ୍ରରେ ପ୍ରଭୂତ ଉନ୍ନତି ହୋଇପାରିବ ଏବଂ କୃଷକମାନଙ୍କର ଆୟ ବୃଦ୍ଧି ପାଇବ । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଆଂଚଳିକ ନିର୍ଦ୍ଦେଶକ ଏଚ୍.ଏଚ୍ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ କୃଷିର ପ୍ରଗତିର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିବା ଅବସରରେ କୃଷି କ୍ଷେତ୍ରରେ ଅଧିକରୁ ଅଧିକ ଋଣ ପ୍ରଦାନ ଦିଗରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ । ଉତ୍ସବ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଫଳରେ ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି ବୋଲି କହିଥିଲେ । ଶେଷରେ ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଡ. ସାହୁଙ୍କ ଉପସ୍ଥିତିରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ଓଡ଼ିଶା ମିଲେଟ ମିଶନ' ସମ୍ବନ୍ଧୀୟ ଏକ ବୁଝାମଣାପତ୍ର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ୱାଲର୍ଡ ଫୁଡ୍ ପ୍ରୋଗାମ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରାଣୀସଂପଦ ଏବଂ କୃଷି କ୍ଷେତ୍ରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଝାରସୁଗୁଡା କ୍ରେତା ବିକ୍ରେତା ବୈଠକ

ଝାରସୁଗୁଡା ,୧୮।୩ (ନି.ପ୍ର): ଡି ଏମ୍ ଏଫ ସମ୍ମିଳନୀ କକ୍ଷରେ ଏକ କ୍ରେତା ବିକ୍ରେତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଉତ୍ପାଦିତ ହେଉଥିବା ସମସ୍ତ କୃଷି ଓ ଉଦ୍ୟାନ ଭିତ୍ତିକ ସାମଗ୍ରୀ ସହ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଯଥା ଲଙ୍କା , ଅଦା , ବଡ଼ି , ପାମ୍ପଡ଼ , ଆଚାର , ଲଡୁ , ପିଠା , ବାସନ ମଜା ଓ ଫିନାଇଲ ଆଦି କିପରି ଭାବରେ ବିକ୍ରୀ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ କ୍ରେତାମାନେ ନିଜ ନିଜ ସଂସ୍ଥାର ଆବଶ୍ୟକ ମୁତାବକ ସାମଗ୍ରୀ କ୍ରୟ ନିମନ୍ତେ ଆଲୋଚନା କରିଥିଲେ । ଉଦ୍ୟାନ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଦ୍ୟାନ ଭିତ୍ତିକ ପ୍ରସ୍ତାବ ପ୍ରସ୍ତୁତ , ସ୍ୱତନ୍ତ୍ର କାର୍ଯ୍ୟବଳ (ଟାସ୍କଫୋର୍ସ) ଗଠନ ପୂର୍ବକ କ୍ରୟ ବିକ୍ରୟ ତଦାରଖ କରି ଉତ୍ପାଦକ ଗୋଷ୍ଠୀମାନଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ , ଶୁଖିଲା ଲଙ୍କା ଓ ଅଦାର ଚାହିଦା ଅଧିକ ଥିବାରୁ ଏ ସବୁ ସାମଗ୍ରୀର ଉତ୍ପାଦନକୁ ବହୁଗୁଣିତ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉତ୍ପାଦିତ ହେଉଥିବା ସାମଗ୍ରୀର ଗୁଣବତା ରକ୍ଷା , ଅଧିକ ଉତ୍ପାଦକ ଗୋଷ୍ଠୀ ଗଠନ ପୂର୍ବକ ଉତ୍ପାଦନ ବୃଦ୍ଧି , ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ନିମନ୍ତେ ବ୍ରାଣ୍ଡିଙ୍ଗ ଓ ପ୍ୟାକେଜିଙ୍ଗର ଆବଶ୍ୟକତା ତଥା ଉତ୍ପାଦକ ଗୋଷ୍ଠୀ ସହ କ୍ରେତାଙ୍କୁ ଯୋଡ଼ିବା ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କର ଜ୍ଞାନ ଓ ଦକ୍ଷତା ବୃଦ୍ଧି ସକାଶେ ପ୍ରଶିକ୍ଷଣର ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଏଥି ସହିତ କ୍ରେତାମାନଙ୍କ ଆବଶ୍ୟକ ମୁତାବକ କଳାଜିରା ଚାଉଳ , ଢେଙ୍କିକୁଟା ଚାଉଳ ଓ ବାସ୍ନା ଚାଉଳର ଉତ୍ପାଦନ ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭାଗୀୟ ପଦାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କ୍ରେତାମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସବିଶେଷ ଜ୍ଞାନ ଆହରଣ ନିମନ୍ତେ ଏକ କମିଟି ଦ୍ୱାରା ବିଭିନ୍ନ ମସଲା ଉତ୍ପାଦନକାରୀ ସଂସ୍ଥାମାନଙ୍କୁ କ୍ଷେତ୍ର ପରିଦର୍ଶନରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । କ୍ରେତାମାନଙ୍କ ସହ ସମ୍ପର୍କରକ୍ଷା କରି ଉତ୍ପାଦକ ଗୋଷ୍ଠୀର ସାମଗ୍ରୀ କିପରି ଉଚିତ ମୂଲ୍ୟରେ ବିକ୍ରୀ ହୋଇପାରିବ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ସକାଶେ ଓରମାସର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପାରମ୍ପାରିକ କୃଷି ( ଧାନଚାଷ)ରେ ସୀମିତ ନରହି ଅର୍ଥକାରୀ ଫସଲ ଉତ୍ପାଦନ ଦିଗରେ ଚାଷୀମାନେ କିପରି ଆଗଭର ହେବେ ସେ ଦିଗରେ ଅଧିକ ଯତ୍ନବାନ ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ ସକାଶେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ମାଝୀ , ଡି ଡି ଏମ୍ ନାବାର୍ଡ ଶକ୍ତିପ୍ରସାଦ ମହାପାତ୍ର , ଏଲ ଡି ଏମ୍ ଦୟାନିଧି କିଷାନ , ଜି ଏମ୍ ଡି ଆଇ ସି ପ୍ରଣବ କୁମାର ନାୟକ , ଶ୍ରୀକ୍ଷେତ୍ର ମସଲା , ଜାଇକା ଫୁଡ଼ , ଜୟ ଭାରତ ମସଲା , ବିଗ ବଜାର ,ରିଲାଏନ୍ସ , ଆନନ୍ଦ ୱାର୍ଲଡ଼ ଭଳି ବିଭିନ୍ନ ସଂସ୍ଥା ସମେତ ଫାରମର ପ୍ରଡ୍ୟୁସର କମ୍ପାନୀ 'ସଂକଳ୍ପ' , ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର ପାର୍ଟନର 'ସେବା' ଓ 'ପ୍ରଦାନ' ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡ

ମାଲକାନଗିରି,୧୮।୩ (ନି.ପ୍ର): ସ୍ତ୍ରୀ କୁ ହତ୍ୟା ମାମଲାର ବିଚାର କରି ମାଲକାନଗିରି ଜିଲ୍ଲା ଜର୍ଜ ଅଭିଯୁକ୍ତ ସ୍ୱାମୀକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ର ରାୟ ଶୁଣାଇଛନ୍ତି ଜର୍ଜ ରୋହିତଲାଲ ପଣ୍ଡା !ଏଥିସହ ୧ ୦ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ଥାନା ଆର ଏସ ସି ୫ ଗ୍ରାମର ଦମ୍ପତି ଟିଙ୍ଗୁଡୁ ଖିଲ ଓ ତା ସ୍ତ୍ରୀ ଜାମି ଖିଲ୨ ୦୦୮ ମସିହା ଫେବୃଆରୀ ୨ ୬ ତାରିଖରେ ବାଦପୁଟ ଗ୍ରାମକୁ ମଦ ପିଇ ବାକୁ ଯାଇଥିଲେ !ଫେରିବାବେଳେ ବାଟରେ ଉଭୟ ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ରାଗ ଓ ମଦ ନିଶାରେ ଟିଙ୍ଗୁଡୁ ତା ସ୍ତ୍ରୀ ଜାମି କୁ ମାରିବାରୁ ତାର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଭୟରେ ଶବ ପୋତିଦେଇ ଘରକୁ ଚାଲିଆସିଥିଲା । ଘରେ ଆସି ପୁଅକୁ ଏବିଷୟରେ ଜଣାଇବାରୁ ସେ ଚିତ୍ରକୋଣ୍ଡା ଥାନା ରେ ଏତଲା ଦେବାପରେ ପୋଲିସ ପହଞ୍ଚି ଶବକୁ ମାଟିତଳୁ ଉଦ୍ଧାର କରି ଟିଙ୍ଗୁଡୁ ଗିରଫ କରିଥିଲେ । ଦୁଇ ବର୍ଷ ହେଲା ଏହି ମାମଲା ର ବିଚାରଧୀନ ଥିଲା । ସରକାରୀ ଓକିଲ ମହେନ୍ଦ୍ର ନାଗ ଏହିମାମଲା ପରିଚାଳନା କରିଥିଲେ ।

## କାର୍ ଧକ୍କାରେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ

ପୁରୀ,୧୮।୩ (ନି.ପ୍ର): ପୁରୀ- କୋଣାର୍କ ରାସ୍ତାର ବାଲୁଖଣ୍ଡ ଅଭୟାରଣ୍ୟ ନୂଆ ନଇ ନିକଟ ସୈକତ ନିବାସ ନିକଟରେ ଆଜି ସକାଳେ କାର୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଖବର ପାଇ ପେଣ୍ଠକଟା ମେରାଇନ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ନାମ ହେଉଛି ରମେଶ ଚନ୍ଦ୍ର ସ୍ୱାଇଁ(୫୭) । ତାଙ୍କ ଘର ପେଣ୍ଠକଟା ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମରେ ବୋଲି ଜଣାପଡିଛି ।

## ସର୍ଭିସ ସେଂଟରର ସ୍କାର୍ପ କରି ବିକ୍ରି କରିଦେଲେ ଗାଡ଼ି : ଥାନାରେ ଅଭିଯୋଗ

ଜୟପୁର,୧୮।୩ (ନି.ପ୍ର): ଗାଡି ମରାମିତି କରିବାକୁ ଦେଲେ ଗାଡିକୁ ସ୍କାର୍ପ କରି ବିକ୍ରି କରିଦେଲେ । ଏମିତି ଅଭିଯୋଗ ହୋଇଛି ଜୟପୁର ସଦର ପୋଲିସ ଷ୍ଟେସନରେ । ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କ ସୁଚନା ଅନୁଯାଇ ସଦର ଥାନା ଅନ୍ତର୍ଗତ ମାଣ୍ଡିକୋଟା ଗ୍ରାମର ପୁର୍ବତନ ସରପଂଚ ଦାସୁ କାଡ୍ରାକା ନାମକ ଜଣେ ବ୍ୟକ୍ତି ତାଙ୍କ ଟାଟା ମ୍ୟାଜିକ ଗାଡିକୁ ଗତ ୨୦୧୭ ମସିହାରେ ମରାମତି କରିବାକୁ ଜୟପୁର କଳିଙ୍ଗ ଅଟୋ ସିଣ୍ଡିକେଟ ସେଂଟର କୁ ଦେଇଥିଲେ । ଗାଡିର ମରାମତି ପାଇଁ ୩୦ ହଜାର ଟଙ୍କା ହେବା ନେଇ ସିଣ୍ଡିକେଟ କହିଥିଲେ । ଫଳରେ ଗାଡି ମାଲିକ ଅଗ୍ରିମ ୫ ହଜାର ଟଙ୍କା ଦେଇଥିଲେ । ବଳକା ୨୫ ହଜାର ଟଙ୍କା ଗାଡି ମରାମତି ପରେ ଦେବାକୁ କହିଥିଲେ । ବଳକା ଟଙ୍କା ଯୋଗାଡ କରିବାରେ କିଛି ସମୟ ଲାଗିଥିଲା । ଏହାରି ଭିତରେ ସର୍ଭିସ ସେଂଟର ମାଲିକ ସେହି ଟାଟା ମ୍ୟାଜିକ ଗାଡିକୁ ସ୍କାର୍ପ କରି ବିକ୍ରି କରିଛନ୍ତି । ଏମିତିକି ଗାଡି ମାଲିକକୁ ଗତ ୯ ତାରିଖ ଦିନ ସର୍ଭିସ ସେଂଟର ତରଫରୁ ଗାଳି ଗୁଲଜ ଦେବା ସହ ମାରିବା ପାଇଁ ଧମକ ଦେଇଥିବା ମଧ୍ୟ ସଦର ଥାନାରେ ଅଭିଯୋଗ ହୋଇଛି । ଟାଟା ମ୍ୟଜିକର ମାଲିକ ଏନେଇ ଜୟପୁର ସଦର ଥାନାରେ ଏତାଲା ଦେଇଛନ୍ତି । ଏହାକୁ ନେଇ ପୋଲିସ ୪୨/୨୧ଏକ ମାମଲା ରୁଜୁ କରିଛି । ୨୯୪,୫୦୬,୪୦୭. ଏସି, ଏସିଟି ଆକ୍ଟରେ ମାମଲା ରୁଜୁ ହୋଇଛି । କୋରାପୁଟ ଏସପି ବରୁଣ ଗୁଣ୍ଠୁପାଲ୍ଲି ଙ୍କ ନିର୍ଦ୍ଦେଶକ୍ରମେ ବୋରିଗୁମ୍ମା ଏସଡିପିଓ ହରେକୃଷ୍ଣ ମାଝି କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ସଦର ଥାନା ଅଧିକାରି ଆଦିତ୍ୟ କହାକୁଡ କହିଛନ୍ତି । ଗାଡିର ମୁଲ୍ୟ ୬୦ ହଜାର ଟଙ୍କା ହୋଇଥିବା ବେଳେ ଏବେ ସର୍ଭିସ ସେଂଟର ମାଲିକ ସୁଧ ସହ ୩ ଲକ୍ଷ ମାଗିବା ଅଭିଯୋଗ ହୋଇଛି । ଏନେଇ ସେଂଟର ମାଲିକ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ସେ ୪ ବର୍ଷ ତଳେ ଗାଡି ମରାମତି ପାଇଁ ଦେଇଥିଲେ । ଟଙ୍କା ଅସୁବିଧା ଦର୍ଶାଇ ଆସୁନଥିଲେ । ସେଂଟର ତରଫରୁ ବାରମ୍ବାର କଲ ଯାଇଥିଲା । ସେ ଆସି ନଥିଲେ । ଏମିତି ସେ ଫାଇନାନ୍ସ ଟଙ୍କା ମଧ୍ୟ ଦେଇ ନାହାଁନ୍ତି । ୪ ବର୍ଷ ଷ୍ଟକ ୟାର୍ଡରେ ରଖାଯାଇଥିଲା । ସେ ନଆସିବାରୁ ସ୍କାର୍ପ କରି ବିକ୍ରି କରାଯାଇଛି ।

# ସମ୍ଭାବ୍ୟ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ବିଧାନସଭା ସମ୍ମୁଖରେ ସମାଜବାଦୀ ପାର୍ଟିର ଗଣ ବିକ୍ଷୋଭ

ଭୁବନେଶ୍ୱର,୧୮।୩ (ନି.ପ୍ର): ଓ.ଇ.ଆର.ସି. (ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ) ଚଳିତ ଆର୍ଥିକ ବର୍ଷ ପାଇଁ ଗ୍ରୀଡ୍‌କୋର ତଥାକଥିତ ବାର୍ଷିକ ଆର୍ଥିକ କ୍ଷତିକୁ ଭରଣା କରିବା ପାଇଁ ଶୁଳ୍କ ବୃଦ୍ଧି କରିବାକୁ ଦିଆଯାଇଥିବା ଦରଖାସ୍ତକୁ ବିଚାର ପାଇଁ ଗ୍ରହଣ କରି ବିଦ୍ୟୁତ୍ ୟୁନିଟ୍ ପିଛା ଶୁଳ୍କ ବୃଦ୍ଧି କରିବାର ସମ୍ଭାବନା ରହିଛି । ଓ.ଇ.ଆର.ସି. ର ଏହି ନିଷ୍ପତିକୁ ରାଜ୍ୟର ବିଦ୍ୟୁତ୍ କମ୍ପାନୀମାନେ ଆଗାମୀ ଏପ୍ରିଲ୍ ୧ ତାରିଖରୁ କାର୍ଯ୍ୟକାରୀ କରିବେ । କମ୍ପାନୀମାନଙ୍କର ଅପାରଗତା, ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁଁ ପରିବହନ ଜନିତ କ୍ଷତି ବଢ଼ିବଢ଼ି ଚାଲୁଥିଲା ବେଳେ କମ୍ପାନୀମାନେ ଏହାକୁ ସୁଧାରିବା ପରିବର୍ତେ ଏହି ବୋଝକୁ ଶୁଳ୍କ ବୃଦ୍ଧି କରି ୮୭ ଲକ୍ଷ ଉପଭୋକ୍ତାଙ୍କ ଉପରେ ଲଦିବାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ବିଧାନସଭା ଆଗରେ ଅନୁଷ୍ଠିତ ଏକ ଗଣ ବିକ୍ଷୋଭରେ ଅଭିଯୋଗ କରିଛନ୍ତି । ଫଳରେ କରୋନା ସଂକ୍ରମଣ ଭଳି ଏକ ମହାମାରୀର ସମ୍ମୁଖୀନ ହୋଇଥିବା ୪ କୋଟି ୨୦ଲକ୍ଷ ଓଡ଼ିଶାବାସୀଙ୍କୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ବୋଝ ବୋହିବାକୁ ପଡ଼ିବ । ଏଠାରେ ଉଲ୍ଲେଖ ଥାଉକି, ସମଗ୍ର ଭାରତ ବର୍ଷରେ ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ପଦକ୍ଷେପ ନେବାରେ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ । ୧୯୯୪-୯୫ ମସିହାରେ ସେତେବେଳେ ବାର୍ଷିକ ୩୦୦ କୋଟି ଟଙ୍କା କ୍ଷତି କରୁଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ବିଦ୍ୟୁତ୍ ବ୍ୟବସ୍ଥାକୁ ସୁସଂହତ କରିବା ପାଇଁ ଓଡ଼ିଶା ସରକାର ବିଦ୍ୟୁତ୍‌ର ଘରୋଇକରଣ ଆରମ୍ଭ କରିଥିଲେ । ଉତ୍ପାଦନ, ଆବଂଟନ ଓ ପରିବହନକୁ ନେଇ ଭିନ୍ନଭିନ୍ନ ବିଦ୍ୟୁତ୍ କମ୍ପାନୀ ଗଠନ କରାଯାଇଥିଲା । ରାଜ୍ୟବାସୀଙ୍କୁ ଓଡ଼ିଶା ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ, ଗୁଣାତ୍ମକ ବିଜୁଳି ସେବା ରାଜ୍ୟର ଖାଉଟିମାନଙ୍କୁ ଯୋଗାଇଦେବେ । କିନ୍ତୁ ଦୁଃଖର କଥା, ୨୫ବର୍ଷ ତଳେ ହୋଇଥିବା ସଂସ୍କାରର ସୁଫଳ ଆଜି ସାଧାରଣ ଖାଉଟିଙ୍କ ପାଇଁ ଅପହଞ୍ଚ ହୋଇଯାଇଛି । ମଣିଷକୃତ ଦୁର୍ନୀତି, ଦୁର୍ବିପାକ, ଅପାରଗତା ଓ ଭ୍ରଷ୍ଟାଚାର ଯୋଗୁଁ ଓଡ଼ିଶାର ଲକ୍ଷଲକ୍ଷ ଖାଉଟିଙ୍କ ଉପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବର୍ଷକୁ ବର୍ଷ ବଢ଼ିଚାଲିଛି । କମ୍ପାନୀମାନଙ୍କର ବାର୍ଷିକ କ୍ଷତିକୁ ଭରଣା କରିବା ପାଇଁ ସେମାନେ ଓ.ଇ.ଆର.ସି.କୁ ଢାଲ କରି ଜନସାଧାରଣଙ୍କ ଉପରେ ଶୁଳ୍କବୃଦ୍ଧିର ବୋଝ ଲଦି ଚାଲିଛନ୍ତି । ଓଡ଼ିଶାଠାରୁ ବିଜୁଳି କିଣି ଦିଲ୍ଲୀ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ଉତରପ୍ରଦେଶ ଭଳି ରାଜ୍ୟ ଖାଉଟିମାନଙ୍କୁ ଶସ୍ତାରେ ବିଜୁଳି ଯୋଗାଇ ଦେଉଥିବା ବେଳେ ଓଡ଼ିଶାରେ ବିଜୁଳି ବର୍ଷକୁ ବର୍ଷ ମହଙ୍ଗା ହେବାରେ ଲାଗିଛି । ଜାତୀୟ ସ୍ତରରେ ପରିବହନ ଜନିତ କ୍ଷତି ଆଜି ୧୫ ଶତାଂଶରେ ପହଂଚିଥିଲା ବେଳେ ଓଡ଼ିଶାରେ ୨୫ବର୍ଷର ବିଦ୍ୟୁତ୍ ସଂସ୍କାର ପରେ ମଧ୍ୟ ଏହି କ୍ଷତି ଆଜି ପାଖାପାଖି ୩୦ ଶତାଂଶ ରହିଛି । ଏକ ଶତାଂଶ ଏ.ଟି.ସି. କ୍ଷତିକୁ ଯଦି ଆମେ ବଂଚାଇ ଦେଇପାରନ୍ତେ, ତାହେଲେ ବାର୍ଷିକ ୭୦ ରୁ ୮୦ କୋଟି ଟଙ୍କା ରାଜସ୍ୱ ବଂଚି ପାରନ୍ତା । କିନ୍ତୁ ବିଜୁଳି କମ୍ପାନୀମାନେ ଏସବୁକୁ ବେଖାତିର କରି ଭିତି ଭୂମିର ବିକାଶ ନ କରି ଏହି କ୍ଷତିକୁ ସାଧାରଣ ଖାଉଟିଙ୍କ ଉପରେ ଲଦି ଚାଲିଛନ୍ତି । ଚଳିତବର୍ଷ ଗ୍ରୀଡ୍‌କୋ ସମେତ ଓ.ଏଚ୍.ପି.ସି., ଓ.ପି.ଜ.ସି., ଓ.ପି.ଟି.ସି.ଏଲ୍ ଏବଂ ଟାଟା ଅଧିଗ୍ରହଣ କରିଥିବା ଡିସ୍‌କମ୍ ସମୂହ ଯଥା- ସେସୁ, ୱେସ୍କୋ, ନେସ୍କୋ ଓ ସାଉଥକୋ ଭଳି ଆବଂଟନ କମ୍ପାନୀମାନେ ଶୁଳ୍କ ବୃଦ୍ଧି କରିବା ପାଇଁ ଓ.ଇ.ଆର.ସି. ପାଖରେ ଆବେଦନ କରି ଚାପ ପକାଇ ଆସୁଛନ୍ତି । ବଡ଼ ବଡ଼ କମ୍ପାନୀମାନଙ୍କ ଉପରେ ଅନାଦେୟ ବିଜୁଳି ଶୁଳ୍କ ପାଖାପାଖି ୪୨୩୪କୋଟି ଟଙ୍କା ବାକି ପଡ଼ିଥିଲା ବେଳେ ତାକୁ ଆଦାୟ ନ କରି ଜନସାଧାରଣଙ୍କ ଉପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଲଦିଦେବାର ମସୁଧା କରିବା ଅତ୍ୟନ୍ତ ଅଯୌକ୍ତିକ ଓ ଜନବିରୋଧି ବୋଲି ପାର୍ଟିର ରାଜ୍ୟ ସଭାପତି ଶ୍ରୀ ବେହେରା ଅଭିଯୋଗ କରିଛନ୍ତି । ମନ୍ତ୍ରୀଙ୍କୁ ଦିଆଯାଇଥିବା ୬ ଦଫା ସମ୍ବଳିତ ସ୍ମାରକପତ୍ରରେ ପାର୍ଟି ପକ୍ଷରୁ ଦାବି କରାଯାଇଛି ଯେ ଶୁଳ୍କ ବୃଦ୍ଧି ପୂର୍ବରୁ ରାଜ୍ୟ ସରକାର-ବିଦ୍ୟୁତ୍ ସଂସ୍କାର ଦିନଠାରୁ କମ୍ପାନୀମାନଙ୍କର ଆୟ ବ୍ୟୟ ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ବିଜୁଳି କମ୍ପାନୀମାନଙ୍କର ବାର୍ଷିକ ଆର୍ଥିକ କାରବାରର ସି.ଏ.ଜି. ଅଡିଟ୍ ହେବା ସହିତ ଏକ ନିରପେକ୍ଷ ସଂସ୍ଥା ଦ୍ୱାରା ଏନର୍ଜି ଅଡିଟ୍ ମଧ୍ୟ କରିବାକୁ ଆମ୍ଭେ ଦାବି କରୁଛୁ । ଆଗାମୀ ଆର୍ଥିକ ବର୍ଷରୁ ହେବାକୁ ଥିବା ସମ୍ଭାବ୍ୟ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବନ୍ଦ କରାଯାଉ । ୨୦୦ ୟୁନିଟ୍ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ବିଜୁଳି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଶକ୍ତି ଯୋଗାଇ ଦିଆଯାଉ । ଆଗାମୀ ପରୀକ୍ଷା ଋତୁକୁ ଆଖି ଆଗରେ ରଖି ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ପାୱାରକଟ୍, ଲୋ ଭୋଲଟେଜ୍ ପାୱାରଟ୍ରିପ୍ ଭଳି ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହିତ ଏ.ଟି.ସି. କ୍ଷତିକୁ ତୁରନ୍ତ ୧୫ ଶତାଂଶକୁ କମାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ । ରାଜ୍ୟର ଚାଷୀମାନଙ୍କୁ ମାଗଣାରେ ବିଦ୍ୟୁତଶକ୍ତି ଯୋଗାଇ ଦେବା ସହିତ କରୋନା ସମୟର ବିଦ୍ୟୁତ୍ ଶୁଳ୍କ ଛାଡ଼ କରିବା ପାଇଁ ସମାଜବାଦୀ ପାର୍ଟି ଦାବି କରୁଛି ।

## ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ଡାକ୍ତର ପ୍ରଦୀପ ନାୟକ

ଭଦ୍ରକ,୧୮/୦୩ (ନି.ପ୍ର): ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ୍ବରୋଳୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ସର୍ବଶ୍ୱାନ୍ତ ହୋଇଥିବା ବିପନ୍ନ ପରିବାରକୁ ଭଦ୍ରକ ନିର୍ବାଚନ ମଣ୍ଡଳୀ ବିଜେପି ନେତା ଡାକ୍ତର ପ୍ରଦିପ କୁମାର ନାୟକ ଭେଟି ସମବେଦନା ଜଣାଇବା ସହ ସହାୟତା ଯୋଗାଇଛନ୍ତି। ଗତ କାଲି ଅଗ୍ନିକାଣ୍ଡ ଘଟି ମଧୁସୂଦନଙ୍କ ଘର ଜଳିପୋଡ଼ି ପାଉଁଶ ହୋଇ ଯାଇଥିଲା। ପରିବାର ଲୋକ ଖୋଲା ଆକାଶ ତଳେ ରହିବା ସହ ଭୋକ ଉପାସରେ ରହିଥିଲେ। ଖବର ପାଇ ବିଜେପି ନେତା ଡାକ୍ତର ନାୟକ, ମଣ୍ଡଳ ସଭାପତି ପ୍ରଭାକର ସାମଲ, ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ସୁବ୍ରତ ନାୟକ, ରମିତା ପାଢୀ, ପ୍ରଭାକର ପାଢୀ ପ୍ରମୁଖ ମଧୁସୂଦନଙ୍କ ପୋଡି ଯାଇଥିବା ଘର ଦେଖି ତାଙ୍କୁ ସମବେଦନା ଜଣାଇଥିଲେ। ବିପନ୍ନ ପରିବାରକୁ ପଲିଥିନ୍, ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଡାକ୍ତର ନାୟକ ପ୍ରଶାସନଠାରେ ଦାବି କରିଛନ୍ତି।

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କଲେ ଏନଏସଜି ଟିମ୍

ପୁରୀ,୧୮/୦୩ (ନି.ପ୍ର): ଜାତୀୟ ସୁରକ୍ଷା ପରିଷଦ (ଏନଏସଜି) ଟିମ୍ ଗତକାଲି ସଂଧ୍ୟାରେ ଓ ଆଜି ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱ ସୁରକ୍ଷା ବ୍ୟବସ୍ଥାର ଯାଂଚ୍ କରିଛନ୍ତି । ଏକ ତିନି ଜଣିଆ କମିଟି ଶ୍ରୀମନ୍ଦିର ଐତିହ୍ୟ ସୁରକ୍ଷା ପ୍ରାଚୀର ନିର୍ମାଣ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିଛନ୍ତି । ଏହା ସହ ଧାଡ଼ି ଦର୍ଶନ ବ୍ୟବସ୍ଥା, ବଡ଼ ଛତା ମଠ ପାଖ ମେଘନାଦ ପ୍ରାଚୀରର ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପ୍ରକାଶ ଥାଉ କି, ୨୦୧୭ ମସିହାରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଶ୍ରୀମନ୍ଦିର ପ୍ରତି ଆତଙ୍କବାଦୀ ଟାର୍ଗେଟ୍ ଥିବା ସମ୍ପର୍କରେ ରିପୋର୍ଟ ଦେଇଥିଲେ। ୨୦୧୭ - ୧୮ ମସିହାରେ ଏନଏସଜି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଂଚ୍ କରିଥିଲେ । ଏହା ସହ ଶ୍ରୀମନ୍ଦିରରେ ଗହଳି ନିୟନ୍ତ୍ରଣ, ଭିଡ଼ ବେଳେ ସୁରକ୍ଷା ପରିଚାଳନା, ମନ୍ଦିରରେ ଅଧିକ ପୋଲିସ ପୋଷ୍ଟ ସ୍ଥାପନ, ଭକ୍ତ ଓ ସେବାୟତଙ୍କୁ ପୋଲିସର ସୁ ବ୍ୟବହାର ସମ୍ପର୍କରେ ତାଲିମ୍ ଦେବା ପାଇଁ ଆଲୋଚନା କରିଥିଲେ । ଏହା ସହ ଶ୍ରୀମନ୍ଦିର ଭିତରେ ଓ ବାହାରେ ଅଧିକ ସିସିଟିଭି ଲଗାଇବା ନିମନ୍ତେ ଆଲୋଚନା କରିଥିଲେ । ଶ୍ରୀମନ୍ଦିର ବାହାରେ ଚାରିକୋଣରେ ଥିବା ଚାରଟି ୱାଚ୍ ଟାୱାରକୁ କାର୍ଯ୍ୟକ୍ଷମ କାରିବା ପାଇଁ ପରାମର୍ଶ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି




ବାଲେଶ୍ୱର,୧୮/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୧ ତାରିଖର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ-୨୦୨୧ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିବା ସହ ଓଡ଼ିଶା ଦିବସ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବ ପ୍ରମୁଖ ମଂଚାସୀନ ହୋଇ ଓଡ଼ିଶା ଦିବସ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସେମାନେ ମତାମତ ଉପସ୍ଥାପନ କରିଥିଲେ। ପ୍ରତିବର୍ଷ ଭଳି ଆସନ୍ତା ଏପ୍ରିଲ ୧ତାରିଖ ଓଡ଼ିଶା ଦିବସରେ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ, ଭାଷା ବନ୍ଦନା ସଙ୍ଗୀତ ସମେତ ଅନ୍ୟାନ୍ୟ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯିବ । ସକାଳ ଘ୮.୩୦ମି ସମୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମର୍ତ୍ତିରେ ଅତିଥିମାନେ ସାମୂହିକ ମାଲ୍ୟାର୍ପଣ କରିବେ । ପରେ ଜିଲା ମୁଖ୍ୟ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ନେହେରୁ ଯୁବକେନ୍ଦ୍ର ଓ ବିଭିନ୍ନ ମହାବିଦ୍ୟାଳୟର ଏନ.ଏସ.ଏସ. ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦଘାଟନ, ରୋଗୀମାନଙ୍କୁ ଫଳ ବଂଟନ କରାଯିବ । ପରେ ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସାଧାରଣ ସଭା, ବିଭନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଏବଂ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ ସହ କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବ। କୋଭିଡ ନିୟମ ପାଳନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଥିଲା। ତେବେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ନିମନ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ଏହି ବୈଠକରେ ମତ ପ୍ରକାଶ ପାଇଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ଗୃହକୁ ପବିତ୍ର ଦିବସ ପାଳନ ଅବସରରେ ଆଲୋକିତ କରିବାକୁ ଅନୁରୋଧ କରାଯାଇଥିଲା।

## ବିଶିଷ୍ଟ ଶିକ୍ଷକ ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ ସଭା




ଜଳେଶ୍ୱର, ୧୮/୩ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହିଁଷାମୁଣ୍ଡା ଗ୍ରାମରେ ବିଶିଷ୍ଟ ଶିକ୍ଷକ ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସ୍ମୃତିଚାରଣ ସଭା ଆଜି ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନର ସଂପାଦକ ପ୍ରାକ୍ତନ ଅଧ୍ୟକ୍ଷ ସୁଧାଂଶୁ ସେଖର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡ. ଅଜିତ୍ କୁମାର ମହାନ୍ତି, ବିଜୟ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଓଝା, ଅନନ୍ତ ଦେ, ଶଶୀକାନ୍ତ ପ୍ରଧାନ, ଅମୂଲ୍ୟ ରତନ ଦାସ, କିଶୋରୀ ମୋହନ ପାତ୍ର, ଗୌରୀ ଶଂକର ନାଗ, ମିହିର କୁମାର ପ୍ରଧାନ, ତାରାପଦ ମହାନ୍ତି, କାଳିପଦ ମହାନ୍ତି, ବିଜୟ କୁମାର ହୁଇ, ତରଣୀ ଗିରି, ସୁଧୀର କୁମାର ପ୍ରଧାନ, ଶିଶିର କୁମାର ପ୍ରଧାନ, ଗୌରାଙ୍ଗ ଦଳେଇ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ । ପ୍ରଥମେ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅପର୍ଣ କରାଯାଇଥିଲା । ଶେଷରେ ବ୍ରଜେନ୍ଦ୍ର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳମଣି କଲେଜରେ ଶ୍ରଦ୍ଧାସୁମନ-ସ୍ମୃତିଚାରଣ ସଭା

ବସ୍ତା : ୧୮ ।୩ (ନିପ୍ର) ରୂପସା ଥାନା ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୀଳମଣି କଲେଜ ପଦାର୍ଥ ବିଜ୍ଞାନ ବିଭାଗର ବିଜ୍ଞାନଗାର ସହାୟକ ସ୍ୱର୍ଗତ ବୃନ୍ଦାବନ ଦାସଙ୍କର ଅମର ଆତ୍ମାର ସଦଗତି ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧାପକ ଜଳଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ଚାରଣ ସଭା ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବୃନ୍ଦାବନ ଦାସ ନିଜର ଶିକ୍ଷାଦାନ ଶୈଳୀ ଓ ମେଳାପୀ ସ୍ୱଭାବ ପାଇଁ ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ର ଛାତ୍ରୀ ମହଲରେ ପ୍ରିୟଭାଜନ ହେବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଜନ ମାନସରେ ଚିରଦିନ ସ୍ମୃତି ଫଳକରେ ଲିପିବଦ୍ଧ ହୋଇ ରହିଗଲେ ବୋଲି ଏହି ଶୋକ ସଭାରେ ମତ ପ୍ରକାଶ ପାଇଛି। ଏ ନେଇ ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନିରବପ୍ରାର୍ଥନା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟ କ୍ରମରେ ପ୍ରାଧାପକ ବସନ୍ତ କୁମାର ଭୋଇ, ପ୍ରାଧାପିକା କଳ୍ପନା ମଞ୍ଜରୀ ପତ୍ର, ପ୍ରାଧାପକ ଡ଼ଃ ତପନ କୁମାର ବେହେରା, କର୍ମଚାରୀ ସଙ୍ଗଠନର ସାଧାରଣ ସମ୍ପାଦକ ଅଧାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ସ୍ୱର୍ଗତ ଦାସଙ୍କର ସ୍ମୃତିଚାରଣ କରିଥିଲେ । ଶୋକସଭାରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଦିବଂଗତ ଅମର ଆତ୍ମାର ସଦଗତି ନିମିତ୍ତ ସ୍ୱର୍ଗତ ଦାସଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମ୍ପାଦକ ଅଧାପକ ଗୌରାଙ୍ଗ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବସର ପ୍ରାପ୍ତ ପ୍ରାଧାପକ ସୁଧୀର କୁମାର ଦତ୍ତ, ଅଧାପକ ବିଜୟ କୁମାର ବେହେରା, ସତ୍ୟେନ୍ଦ୍ର କୁମାର ପାଲ, ଶମ୍ଭୁନାଥ ଗିରି, ଡ଼ଃ ଶାନ୍ତନୁ କୁମାର ଜେନା ଓ ଡେମନଷ୍ଟ୍ରେଟର ବାସନ୍ତୀ ସାହୁ ପ୍ରମୁଖ ଶୋକ ସଂତପ୍ତ ପରିବାର ବର୍ଗଙ୍କୁ ଭେଟି ଆଶ୍ୱାସନା ଦେବା ସହ ଶୋକବାର୍ତ୍ତା ପ୍ରଦାନ କରିଥିଲେ।

## ପଶ୍ଚିମବଙ୍ଗରେ ନିର୍ବାଚନ ଲଢିବେନି ବିଜେପି ମୁଖ୍ୟ

କୋଲକାତା,୧୮/୦୩ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓ କ୍ଷମତାସୀନ ଟିଏମସି ମଧ୍ୟରେ ଜୋରଦାର ଲଢ଼େଇ ଚାଲିଛି। ବିଜେପି କ୍ଷମତାସୀନ ଟିଏମସିକୁ ଗାଦିଚ୍ୟୁତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ତେବେ ବିଜେପିର ପଶ୍ଚିମବଙ୍ଗ ମୁଖ୍ୟ ଦିଲ୍ଲୀପ ଘୋଷ ଚଳିତ ବର୍ଷ ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଛନ୍ତି। ସେ କେବଳ ରାଜ୍ୟରେ ବିଜେପିର ନିର୍ବାଚନୀ ପ୍ରଚାର ଉପରେ ଫୋକସ କରିବେ। ସେ କହିଛନ୍ତି, "ନିର୍ବାଚନ ଲଢ଼ିବାକୁ ଜାରି ହୋଇଥିବା ପ୍ରାର୍ଥୀଙ୍କ ତାଲିକାରେ ମୋ ନାଁ ନାହିଁ। ରାଜ୍ୟର ବିଜେପି ମୁଖ୍ୟ ହିସାବରେ ଦଳର ପ୍ରଚାର ଶୈଳୀ ମୋ ତତ୍ତ୍ୱାବଧାନରେ ହେବ। ଦଳର ନେତୃବୃନ୍ଦ ମଧ ମୁଁ ପୂରା ରାଜ୍ୟର ପ୍ରଚାର ଉପରେ ଫୋକସ କରେ ବୋଲି ଚାହୁଁଛନ୍ତି। ତେଣୁ ମୁଁ ଚଳିତ ବର୍ଷ ବିଧାନସଭା ନିର୍ବାଚନ ଲଢ଼ିବି ନାହିଁ।

## ଶତାୟୁ ସ୍ୱର୍ଗତଃ ଭଗବାନ ଚନ୍ଦ୍ର ଜେନାଙ୍କ ସ୍ମୃତିସଭା



ବାଲିଆପାଳ,୧୮/୦୩ (ନି.ପ୍ର): ସବାଲିଆପାଳ ବ୍ଲକର ବିଶିଷ୍ଟ ସମାଜସେବୀ ତଥା ଶତାୟୁ ସ୍ୱର୍ଗତଃ ଭଗବାନ ଚନ୍ଦ୍ର ଜେନା ଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି ।ବେତଗଡ଼ିଆ ସ୍ଥିତ ବାସ ଭବନରେ ଅନୁଷ୍ଠିତ ଏହି ସଭାରେ ନାରାୟଣପୁର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ରନାଥ ହାଜିରା ସଭାପତିତ୍ୱ କରିଥିଲେ । ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଉକ୍ତ ସଭାରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ବିଶିଷ୍ଟ କବି ସୁକୁମାର ଦାସ, ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ନିଶାକର ସେଠୀ, ବରିଷ୍ଠ ଶିକ୍ଷାବିତ ରବିନ୍ଦ୍ର ନାଥ ଦାସ, ନାରାୟଣ ଜେନା, ମାୟାଧର ପରିଡ଼ା, ଶ୍ରୀନିବାସ ଗିରି, ଗଙ୍ଗାଧର କୁହ୍ଲାରି, ରବିନ୍ଦ୍ର ଦାସ, ବିଦ୍ୟାଧର ପରିଡ଼ା, ରମାନାଥ ପାତ୍ର, ରଘୁନାଥ ରାଉତ, ନିର୍ମଳ ଦାସ, କମଳାକାନ୍ତ କୁହ୍ଲାରି, ସୁଶାନ୍ତ ବେହେରା, ଭକ୍ତାହରି ଦାସ, ଅନନ୍ତ ବାରିକ, ସୁଧାସିନ୍ଧୁ ସାହୁ, ମାୟାଧର ପରିଡ଼ା, ଅନନ୍ତ ଦାସ ଉପସ୍ଥିତ ରହି ସ୍ୱର୍ଗତଃ ଜେନାଙ୍କ ସ୍ମୃତି ଚାରଣ କରିଥିଲେ। ପରିଶେଷରେ ରଘୁନାଥ ରାଉତ ଧନ୍ୟବାଦ ଦେଇଥିଲେ। ଉକ୍ତ ସ୍ମୃତିସଭାକୁ ସ୍ୱର୍ଗତଃଜେନାଙ୍କ ପୁତ୍ର, ପୁତ୍ର ବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ପରିବାର ସଦସ୍ୟ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଷଷ୍ଠ ଦିନରେ ବିଧାନସଭା .....

ବିଜେପି ଦଳର ସଦସ୍ୟମାନେ ଆଲୋଚନା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବା ପାଇଁ ବାହାରିଥିଲେ। ବିଜେପି ବିଧାୟକମାନେ ବିଧାନସଭାରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ ଲୋକସେବା ଭବନ ଏବଂ ପରେ ନବୀନ ନିବାସ ଅଭିମୁଖେ ଯାଇଥିଲେ । ତାଙ୍କ ପଛେ ପଛେ ବିଜେଡିର ବିଧାୟକ ଓ ମନ୍ତ୍ରୀମାନେ ଶୋଭାଯାତ୍ରାରେ ନବୀନ ନିବାସ ଯାଇଥିଲେ। "ଚାଷୀର ଆତ୍ମହତ୍ୟା ପାଇଁ ଦାୟୀ କିଏ? ନବୀନ ପଟ୍ଟନାୟକ ଆଉ କିଏ", "ଚାଷୀର ସମସ୍ତ ଧାନ କିଣିବା ଆମର ଦାବି" , "ଚାଷୀ କାନ୍ଦୁଛି ମଣ୍ଡିରେ , ମନ୍ତ୍ରୀ ହସୁଛି ବିଧାନସଭାରେ" ଲେଖାଥିବା ପ୍ଲାକାର୍ଡ ଧରି ବିଜେପି ବିଧାୟକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଲୋକସେବା ଓ ନୀବନ ନିବାସ ଯିବା ବେଳେ ସୁରକ୍ଷା କର୍ମୀ ମାନେ ବିଜେପି ବିଧାୟକମାନଙ୍କୁ ଅଟକାଇବାକୁ ଗେଟ୍ ବନ୍ଦ କରିଦେଇଥିଲେ । ପରେ ପାଟିତୁଣ୍ଡ ପରେ ଗେଟ୍ ଖୋଲିବାରୁ ବିଜେପି ବିଧାୟକମାନେ ଲୋକସେବା ଭବନ ଭିତରକୁ ପଶିଥିଲେ । ସେଠାରେ ଥିବା ଶାସକ ଦଳର ମନ୍ତ୍ରୀ ଓ ବିଧାୟକମାନେ ବିଜେପି ବିଧାୟକମାନଙ୍କୁ ଲୋକସେବା ଭବନ ମଧ୍ୟକୁ ପାଛୋଟି ନେଲା ବେଳେ ସେମାନେ ପ୍ରତିବାଦ କରିଥିଲେ। ଏହାପରେ ସେମାନେ ନବୀନ ନିବାସ ଅଭିମୁଖେ ବାହାରିଥିଲେ। ସେଠାରେ ବିଜେଡି କର୍ମୀମାନେ ସେମାନଙ୍କୁ ଶଙ୍ଖ ଫୁଙ୍କି , ଫୁଲ ପକାଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ବିଜେପି ବିଧାୟକମାନେ ନବୀନ ନିବାସରେ ପହଂଚିବା ପରେ ସେଠାରେ ମଧ୍ୟ ଗେଟ୍ ବନ୍ଦ କରିଦିଆଯାଇଥିଲା। ତାର ପ୍ରତିବାଦରେ ବିରୋଧୀ ବିଧାୟକମାନେ ନବୀନ ନିବାସ ସମ୍ମୁଖରେ ଧାରଣା ଦେଇଥିଲେ। ସଂସଦୀୟ ବ୍ୟାପର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ଅଶୋକ ପଣ୍ଡା , ମନ୍ତ୍ରୀ ସମୀର ରଂଜନ ଦାଶ , ଟୁକୁନି ସାହୁ , ପଦ୍ମିନୀ ଦିଆନ , ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାଶ , ରୋହିତ ପୂଜାରୀ ପ୍ରମୁଖ ଧାରଣା ରତ ବିଜେପି ବିଧାୟକମାନଙ୍କୁ ଧାରଣାରୁ ଉଠିଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଅନୁରୋଧ କରିଥିଲେ। ମାତ୍ର ସେମାନେ ଧାରଣାରୁ ବିରତ ହୋଇନଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ନିବାସ ବାହାରକୁ ଆସି ବିଜେପି ବିଧାୟକମାନଙ୍କୁ ସାକ୍ଷାତ କରିବା ସହ ଆଲୋଚନା ପାଇଁ ଭିତରକୁ ଡାକିନେଇଥିଲେ।

## ଶହେ ଦିନରେ ଭାରତରେ କରୋନା....

ସ୍ଥାନୀୟ ଅଂଚଳରୁ ଚିହ୍ନଟ ହୋଇଛନ୍ତି ୩୫ ଆକ୍ରାନ୍ତ, କଟକ ଜିଲ୍ଲାରେ ବଢିଛି କରୋନା ସଂଖ୍ୟା, କଟକ ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି ୨୫ ଆକ୍ରାନ୍ତ, ରାଜ୍ୟରେ ହଠାତ ସଂକ୍ରମଣ ସଂଖ୍ୟା ବଢିବା ଏବଂ କଟକରେ ସଂକ୍ରମିତଙ୍କ ସଂଖ୍ୟା କୋଉଠି ନା କୋଉଠି ପୁଣି ଥରେ କରୋନାକୁ ନେଇ ଭୟ ସୃଷ୍ଟି କରିଛି । ବଡ କଥା ହେଲା, କଟକର ଏକ ଘରୋଇ କଲେଜରେ ୧୨ଜଣ କୋଭିଡ ପଜିଟିଭ ବାହାରିବା ପରେ ଚିନ୍ତା ବଢିଛି । ଏହି ୧୨ ଜଣଙ୍କ ମଧ୍ୟରେ ଛାତ୍ରଛାତ୍ରୀ, ଶିକ୍ଷକ, ଆଡମିନ କର୍ମଚାରୀ । ସମସ୍ତ ପଜିଟିଭଙ୍କୁ ଏବେ କରୋନା ଗାଇଡଲାଇନ ଅନୁସାରେ ସଂଗରୋଧରେ ରଖାଯାଇଛି । ଆଜି କଲେଜରେ ଥିବା ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ କରୋନା ପରୀକ୍ଷା କରାଯାଉଛି । ଯାହାଙ୍କର ରିପୋର୍ଟ ପଜିଟିଭ୍ ଆସିବ ସେମାନଙ୍କୁ ସଂଗରୋଧରେ ରଖାଯିବ, ଅନ୍ୟମାନଙ୍କୁ ଘରକୁ ଯିବାକୁ ଦିଆଯିବ ବୋଲି କୁହାଯାଇଛି । ଗୋଟିଏ ପଟେ ଟିକାକରଣ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଅନ୍ୟପଟେ ସଂକ୍ରମଣ ସଂଖ୍ୟା ବଢିବା କରୋନା ଲେଉଟାଣିର ନୂଆ ଧାରା ସୃଷ୍ଟି କରିଥିବା ଅନୁମାନ କରାଯାଉଛି ।

## ଦିଦିଙ୍କ ଗଡରେ ଗର୍ଜିଲେ ...

ସରକାର ପଶ୍ଚିମବଙ୍ଗର ବିକାଶକୁ ସୁନିଶ୍ଚିତ କରିବ। ବର୍ଷ ବର୍ଷର ଅରାଜକତା ନିମନ୍ତେ ବଙ୍ଗବାସୀ ମମତାଙ୍କ ପ୍ରତି ଦଣ୍ଡ ବିଧାନ କରିବେ। ଦିଦି କହୁଛନ୍ତି, ଖେଳ ହେବ, କିନ୍ତୁ ବିଜେପି କହୁଛି, ବିକାଶ ହେବ । ପ୍ରଧାନମନ୍ତ୍ରୀ ଆହୁରି ମଧ କହିଲେ ଯେ, ଲୋକସଭାରେ ତୃଣମୂଳ କଂଗ୍ରେସ ଅଧା ଶେଷ ହୋଇଯାଇଛି, ଏବଂ ଏଥର ପୂରା ଶେଷ ହୋଇଯିବ ବୋଲି ବିଜେପି କହି ଆସୁଛି । ବିଜେପିର ଏହି ପ୍ରତିବଦ୍ଧତା ଦେଖି ଦିଦି ମୋ ଉପରେ ବିଷୋଦ୍?ଗାର କରୁଛନ୍ତି । କିନ୍ତୁ, ଆମ ଦୃଷ୍ଟିରେ ସେ ଭାରତର କୋଟି କୋଟି ଝିଅଙ୍କ ପରି ଜଣେ ଝିଅ । ଝିଅମାନଙ୍କ ପ୍ରତି ମର୍ଯ୍ୟାଦା ଦେବା ଆମ ସଂସ୍କୃତିର ଅଂଶବିଶେଷ। ସେପଟେ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩ଟି ରାଲିରେ ଯୋଗ ଦେବା ନେଇ ସୂଚନା ରହିଛି । ସେପଟେ ମମତାଙ୍କ ରାଲିକୁ ଟକ୍କର ଦେଉଥିବା ବିଜେପିର ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମରେ ନିର୍ବାଚନ ପ୍ରଚାର କରୁଛନ୍ତି । ନନ୍ଦିଗ୍ରାମର ଗୋକୁଲ ନଗରରେ ଶୁଭେନ୍ଦୁ ଅଧିକାରୀ ଜଣେ ଚାଷୀ ଘରେ ଭୋଜନ କରିବାର କାର୍ଯ୍ୟକ୍ରମ ରହିଛି ।

## ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ....

ତେବେ ରାଜ୍ୟ ସରକାର ଓଡିଆଙ୍କ ଅସ୍ମିତାକୁ କ୍ଷୁର୍ଣ୍ଣ କରିବାର ଅପଚେଷ୍ଟା ବନ୍ଦ କରନ୍ତୁ । ନଚେତ୍ ଆଗାମୀ ଦିନରେ ବିଜେପି ରାଜରାସ୍ତାରେ ଆନ୍ଦୋଳନ କରିବା ସହିତ ଆଇନଗତ ପଦକ୍ଷେପ ଗ୍ରହଣ କରିବ ବୋଲି ଲେଖାଶ୍ରୀ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ନିଜ ରାଜନୈତିକ ଅଭିସନ୍ଧି ରଖି ପିପିଲି ଉପ ନିର୍ବାଚନ ପାଇଁ ଲେଖାଶ୍ରୀ ଭୁଲ ତଥ୍ୟ ଦେଉଥିବା ଜବାବ ରଖିଛି ବିଜେଡି । ପ୍ରଭୁ ଶ୍ରୀଜଗନ୍ନାଥଙ୍କର କୌଣସି ଜମି ବିକ୍ରି କରିବାର ଯୋଜନା ନାହିଁ । ତେଣୁ ଜଗନ୍ନାଥ ସଂସ୍କୃତିକୁ ଅପମାନ କଲାଭଳି ମନ୍ତବ୍ୟ ଦେବା ଲେଖାଶ୍ରୀ ବନ୍ଦ କରନ୍ତୁ ବୋଲି ବିଜେଡି ମୁଖପାତ୍ର ଇପସିତା ସାହୁ କହିଛନ୍ତି । ଏପଟେ ଏହି ଘଟଣାକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଶ୍ରୀଜଗନ୍ନାଥଙ୍କର ୩୫ ଏକର ଜମି ବିକ୍ରି କରିବା ଖବର ମିଛ । ଯେଉଁ ଜମିଗୁଡିକୁ ଅକ୍ତିଆର୍ କରାଯାଇଛି ତାହା ବର୍ଷ ବର୍ଷ ଧରି ଚାଲିଥିବା ଆଇନଗତ ପ୍ରକ୍ରିୟାରେ ହୋଇଛି । ୨୦୦୩ ମସିହାରେ ତିଆରି ହୋଇଥିବା ଜଗନ୍ନାଥ ଜମି ସୁରକ୍ଷା ଯୋଜନାରେ ଏହା କରାଯାଇଛି ।

## ଅନ୍‌ଲାଇନ୍ ଠକେଇ ପାଇଁ ....

କାର୍ଡର ବିବରଣୀ ଦେଇଥିଲେ। ତହିଁ ଆର ଦିନ ପେନ୍ସନ୍ ବାବଦରେ ତାଙ୍କ ଆକାଉଣ୍ଟରେ ୩୯,୩୮୫ ଟଙ୍କା ଜମା ହେବା କ୍ଷଣି ୪୧, ୫୦୦ ଟଙ୍କା ଉଠିଯାଇଥିଲା। ଆତଙ୍କିତ ହୋଇ ସେ ବ୍ୟାଙ୍କ୍‌କୁ ଫୋନ୍ କଲେ, କିନ୍ତୁ ବ୍ୟାଙ୍କ୍‌ରୁ କୌଣସି ଜବାବ ମିଳି ନ ଥିଲା। ଖାଉଟି ଅଦାଲତରେ ଜାଓ୍ୱିଆ ଅଭିଯୋଗ କରିଥିଲେ, ବ୍ୟାଙ୍କ୍ ଯଦି ଠିକଣା ସମୟରେ ମୋ କଥା ଶୁଣିଥାଆନ୍ତା, ତେବେ କ୍ଷତି ରୋକାଯାଇ ପାରିଥାଆନ୍ତା। ତେଣୁ, ଏଥିପାଇଁ ବ୍ୟାଙ୍କ୍ ତାଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ଦେଉ।

## ବିଜେପିରେ ଯୋଗଦେଲେ ....

ସେବେଠାରୁ ଦେଶର ପରିଭାଷା ବଦଳି ଯାଇଛି । ମୋ ହୃଦୟ ଏବଂ ମନରେ ଯାହା ଘଟେ ତାହା ମୁଁ କରେ ବୋଲି ସେ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଅରୁଣ ଗୋଭିଲଙ୍କ ପୂର୍ବରୁ 'ରାମାୟଣ'ର ଅନ୍ୟ କଳାକାରମାନେ ମଧ ରାଜନୀତିରେ ପ୍ରବେଶ କରିଛନ୍ତି। ରାମାୟଣରେ 'ସୀତା' ଭୂମିକାରେ ଅଭିନୟ କରୁଥିବା ଦୀପିକା ଚିଖାଲିଆଙ୍କ ବ୍ୟତୀତ 'ହନୁମାନ' ଭୂମିକାରେ ଅଭିନୟ କରୁଥିବା ଦାରା ସିଂ ଏବଂ 'ରାବଣ' ଭୂମିକାରେ ଅଭିନୟ କରୁଥିବା ଅରବିନ୍ଦ ତ୍ରିବେଦୀ ମଧ ରାଜନୀତିରେ ଯୋଗ ଦେଇସାରିଛନ୍ତି।

## ନିର୍ବାଚନ ହାରିବା ଭୟରେ....

ବଳ ନିୟୋଜିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ନନ୍ଦିଗ୍ରାମ ନିର୍ବାଚନ ମଣ୍ଡଳିର ସୋନଚୂରା ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର କରାଯିବା ବେଳେ ବିଜେପି କାର୍ଯ୍ୟକର୍ତାଙ୍କୁ ଟିଏମସି କର୍ମୀମାନେ ଆକ୍ରମଣ କରିଥିଲେ। ଟିଏମସି କର୍ମୀଙ୍କ ଦ୍ୱାରା ପଥର ମାଡ଼ ଯୋଗୁଁ ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକର୍ତା ପୂର୍ଣ୍ଣଚନ୍ଦ୍ର ପାତ୍ର ଗୁରୁତର ଆହତ ହେବା ସହ ଅନେକ କାର୍ଯ୍ୟକର୍ତା ଆହତ ହୋଇଥିଲେ। ଏହା ପରେ ଆହତ କାର୍ଯ୍ୟକର୍ତାଙ୍କୁ ସ୍ଥାନୀୟ ମେଡ଼ିକାଲରେ କେନ୍ଦ୍ରମନ୍ତ୍ରୀ ଭର୍ତି କରିବା ସହ ପରେ ସେମାନଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ରେଡକ୍ରସ ପରାମର୍ଶଦାତା ତାଲିମ ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ




ବାରିପଦା,୧୮/୦୩ (ନି.ପ୍ର): ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡିଶା ଶାଖା ତରଫରୁ ରାଜ୍ୟ ସ୍ତରୀୟ କାଉନସେଲର ପ୍ରଶିକ୍ଷଣ ଶିବିର ମୟୁରଭଞ୍ଜ ଜିଲ୍ଲା ଶାଖା ସହାୟତାରେ ଏମ.କେ.ସି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କ ପ୍ରତିନିଧି ଭାବେ ଏମ.ପି କେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଜୀବନକୁ ଫୁଲ ସହିତ ତୁଳନା କରି ପାଖୁଡାର ବାସ୍ନାକୁ ପ୍ରକାଶିତ କରାଇଲେ ସେବାର ପ୍ରକୃତ ଉଦେଶ୍ୟ ସାଫଲ୍ୟମଣ୍ଡିତ ହେବ ବୋଲି ଶିବିରାର୍ଥୀ ମାନଙ୍କୁ ପରାମର୍ଶ ଦେଇ ଥିଲେ ଓ ମୁଖ୍ୟ ବକ୍ତା ଭାବେ ଯୁଥ ରେଡକ୍ରସର ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ, ସଂମ୍ମାନୀୟ ଅତିଥି ଭାବେ ରାଇରଙ୍ଗପୁର ବି.ଇ.ଓ ପ୍ରକାଶ ଚନ୍ଦ୍ର ମହାଳିକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ପ୍ରମୁଖ ଯୋଗ ଦେଇ ସେବା ମାଧ୍ୟମରେ ବିଶ୍ୱ ଭାତୃତ୍ୱ ସମ୍ପର୍କ ଗଢି ଉଠିବ ସେ ବିଷୟରେ ମତ ବ୍ୟକ୍ତ କରିଥିଲେ ଓ ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ତଥା ଆଇ.ପି.ଇ.ଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପତାକା ଉତ୍ତଳୋନ ସହ ରେଡକ୍ରସର ଜନ୍ମ ଦାତା ହେନେରୀ ଡୁନାଣ୍ଟଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲା ଜୁନିଅର ରେଡ କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲାର ପ୍ରଶିକ୍ଷକ ଭାବେ ବାମନ ଚରଣ ମହାନ୍ତି (ଇତିହାସ), ଉମାକାନ୍ତ ବେହେରା (ଜେ.ଆର.ସି), ବିଜୟ କୁମାର ମହାନ୍ତି (ବିଦ୍ୟାଳୟ ନିରାପତ୍ତା), ସତ୍ୟ ନାରାୟଣ ଦାସ (ପ୍ରାଥମିକ ଚିକିତ୍ସା), ରମାକାନ୍ତ ମହାନ୍ତ(ପରିବେଶ), ଶଶୀଧର ବିଶ୍ୱାଳ (ସ୍ୱଚ୍ଛ ଭାରତ ) ପ୍ରଶିକ୍ଷିକା ଭାରତୀ ବେବର୍ତ୍ତା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ଓ ଏହା ୫ଦିନ ଧରି ଚାଲୁ ରହିବା ସହ ରକ୍ତଦାନ, ଅଗ୍ନି ନିରାପତ୍ତା, ଶିଶୁ ସୁରକ୍ଷା, ସଡ଼କ ନିରାପତ୍ତା ଉପରେ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମକୁ ଅଫିସିଆଲ ହରିଶ ଚନ୍ଦ୍ର ରାଉତ , ପଙ୍କଜ କୁମାର ବେହେରା, କାଉନସ୍ଲେଲର ଅମୁଲ୍ୟ କୁମ୍ଭକାର, ଅଜିତ କୁମାର ମହାନ୍ତି, ଦୀପକ କୁମାର ରାମ, ସଂଜୀବ କୁମାର ଦଳେଇ, ପ୍ରସନ୍ନ ଗଡ଼ତିଆ, ଦେବ ରାଜ ମିଶ୍ର, ଅନୁସୟା ଖମାରି ଓ ମିତା ହାଁସଦା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜେ.ଆର.ସି ଜିଲ୍ଲା ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

# ବିଜୟଭାନୁ ରେଡ଼ ଓ କଳିଙ୍ଗ କ୍ଲବ ବିଜୟୀ



ଭଦ୍ରକ,୧୮/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗୋଟିଏ ମ୍ୟାଚରେ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚରେ କଳିଙ୍ଗ କ୍ଲବ ବିଜୟୀ ହୋଇଛି। ଚରମ୍ପା ରେଲୱେ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ ଚାନ୍ଦବାଲି ସ୍ପୋର୍ଟସ ଆସୋସିଏସନ ଏବଂ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ (ରେଡ଼) ମଧ୍ୟରେ ଖେଳା ଯାଇଥିଲା। ଚାନ୍ଦବାଲି ଟସ୍ ଜିତି ବ୍ୟାଟିଂ କରି ୩୫.୧ ଓଭରରେ ୧୮୯ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇ ଯାଇଥିଲେ। ବିଶ୍ୱ ରଂଜନ ରାୟ ୪୮, ଶାଶ୍ୱତ ଚନ୍ଦ୍ର ଦାଶ ୩୪ ଓ ମହେଶ୍ୱର ନାୟକ ୩୩ ରନ କରିଥିଲେ। ବିଜୟଭାନୁ ପକ୍ଷରୁ ଅବିନାଶ ସିଂ ୪ଟି, ପାର୍ଥ ସାରଥୀ ନାୟକ ୪ଟି, କୌଶିକ କୁମାର ସାହୁ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସ୍‌ରେ ବ୍ୟାଟିଂ କରି ବିଜୟଭାନୁ ରେଡ଼ ୨୬.୫ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ରେଡ଼ ପକ୍ଷରୁ ଅବିନାଶ ସିଂ ୧୦୧ ରନ, ବିଶ୍ୱ ରଂଜନ ରାୟ ୪୮ ଓ ମୀର ଜଫରୁଦ୍ଦିନ ୩୫ ରନ କରିଥିଲେ। ଚାନ୍ଦବାଲି ପକ୍ଷରୁ ସୁଶାନ୍ତ ରାଉତ୨ଟି, ଶାଶ୍ୱତ ଚନ୍ଦ୍ର ଦାଶ ଗୋଟିଏ ଉଇକେଟ ନେଇଥିଲେ। ଦଳର ଅବିନାଶ ସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମ୍ୟାଚକୁ ଲଲାଟ କେଶରୀ ନନ୍ଦ ଓ ପ୍ରଦିପ୍ତ କୁମାର ନାୟକ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଏକ ମ୍ୟାଚ ଭଦ୍ରକ କଲେଜ ପଡ଼ିଆରେ ବଙ୍କସାହି ଯୁବକ ସଂଘ ଓ କଳିଙ୍ଗ କ୍ଲବ ମଧ୍ୟରେ ଖେଳା ଯାଇଥିଲା। କଳିଙ୍ଗ କ୍ଲବ ଟସ୍ ଜିତି ୪୦ ଓଭରରେ ୮ ଉଇକେଟ ହରାଇ ୨୮୮ ରନ କରିଥିଲା। ପ୍ରିୟବ୍ରତ ଦାସ ୫୪, ସିଲୁ କୁମାର ଜେନା ୫୩, ଚନ୍ଦ୍ର ଶେଖର ମିଶ୍ର ୪୮, ଅଂଶୁମାନ ମହାନ୍ତି ୩୦ ଓ ଆଶିଷ କୁମାର ମହାନ୍ତି ୨୪ ରନ କରିଥିଲେ। ବଙ୍କସାହି ପକ୍ଷରୁ ବିକାଶ ବେହେରା ୨ଟି ଓ ଅର୍ଣ୍ଣବ ଦାସ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ବଙ୍କସାହି ଦଳ ବ୍ୟାଟିଂ କରି ୨୪.୩ ଓଭରରେ ମାତ୍ର ୯୧ ରନ କରି ଅଲ୍ ଆଉଟ ହୋଇ ଯାଇଥିଲେ। ଅର୍ଣ୍ଣବ ଦାସ ୩୭ ରନ କରିବାକୁ ସକ୍ଷମ ହୋଇଥିବା ବେଳେ କଳିଙ୍ଗ କ୍ଲବ ପକ୍ଷରୁ ପ୍ରିୟବ୍ରତ ଦାସ ୩ଟି, ଲକ୍ଷ୍ମୀଧର ମହାରଣା, କିଶାନ ମନୋହର ମହାନ୍ତି ଓ ଅଂଶୁମାନ ମହାନ୍ତି ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହି ମ୍ୟାଚକୁ କଳିଙ୍ଗ କ୍ଲବ ୧୯୭ ରନରେ ଜିତିଥିବା ବେଳେ ଦଳର ପ୍ରିୟବ୍ରତ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ରଂଜନ ମହାନ୍ତି ଓ ସତ୍ୟବ୍ରତ ଜେନା ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

ବାଲେଶ୍ୱର, ଶୁକ୍ରବାର, ୧୯ ମାର୍ଚ୍ଚ ୨୦୨୧

# ଧ୍ୱନି ପ୍ରତିଧ୍ୱନି




## ଜାମପଦାରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କପ୍ତିପଦା ୧୮/୦୩(ନି.ପ୍ର) ଶିମିଳିପାଳ ଅଭୟାରଣ୍ୟ ଆଜି ହୁତୁ ହୁତୁ ହୋଇ ଜଳୁଛି । ଏଥିପାଇଁ କିଛି ସାମାଜିକ ଅନୁଷ୍ଠାନ ଏବଂ ସରକାରଙ୍କ ତରଫରୁ ନିଆଁ ଲିଭାଇବା ସହିତ, ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଉଅଛି । ଏହି ଅବସରରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଟ୍ରଷ୍ଟର ସଭାପତି ପ୍ରମିଳାପଣ୍ଡାଙ୍କ ଆବାହକତ୍ୱରେ କପ୍ତିପଦା ବ୍ଲକ ଅନ୍ତର୍ଗତ ଜାମପଦା ବନାଞ୍ଚଳରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ପରିବେଶବିତ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ଶୁଭାଶିଷ ପତି, ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ କୁଞ୍ଜବନ ବେହେରା, କୁନ୍ତିଲତା ସାହୁ, ୱାର୍ଡ଼ ସଭ୍ୟ ଚାନ୍ଦୁ ସୋରେନ, ବନରକ୍ଷି ସିପ୍ରା ବାରିକ ପ୍ରମୁଖ ଯୋଗ ଦେଇ , ଜଙ୍ଗଲ ପାଇଁ ଆମେ ବଞ୍ଚୁଛୁ, ଜଙ୍ଗଲ ଆମକୁ ସ୍ୱଚ୍ଛ ମୁକ୍ତ ବାୟୁ ଦେଉଛି, ଜଙ୍ଗଲ ପାଇଁ ବର୍ଷା ହେଉଛି, ନାନା ପ୍ରକାର ଔଷଧି ବୃକ୍ଷ ଜଙ୍ଗଲରୁ ମିଳୁଛି ଏବଂ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ କରି ଆମେ ଜୀବିକା ନିର୍ବାହ କରୁଛୁ ତେଣୁ ଜଙ୍ଗଲକୁ ଯଦି ନିଆଁ ଲଗାଇ ଧ୍ୱଂସ କରାଯାଏ ପରିବେଶ ଅସନ୍ତୁଳିତ ହୋଇ ମଣିଷ ସମାଜ ମଧ ନଷ୍ଟ ହୋଇଯିବ ଏଥିରେ ସନ୍ଦେହ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଆମେ ନିଜ ଘରକୁ ସୁରକ୍ଷା ଦେଲାଭଳି ଜଙ୍ଗଲକୁ ସୁରକ୍ଷା ଦେବା ଉଚିତ ବୋଲି ମତାମତ ଉପସ୍ଥାପନ କରିଥିଲେ । ଏହାପରେ 'ଜଙ୍ଗଲ ସୁରକ୍ଷା, ଆମର ଦୀକ୍ଷା' ଆମେ ସମସ୍ତେ ମିଳିତ ଭାବରେ ଜଙ୍ଗଲର ସୁରକ୍ଷା କରିବୁ ବୋଲି ଏକ ଶପଥ ପାଠ କରାଯାଇଥିଲା । ପ୍ରକୃତିବନ୍ଧୁ ଅଜୟ ବେହେରା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଶେଷରେ ଚତୁର୍ଭୁଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ସମସ୍ତେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାମପଦା, ରାଇକାଳିଆ, ତଳଖପୁରି, ବାରବାଙ୍କ, ନେଦାମ, ଲକ୍ଷ୍ମଣସାହି, ଘଣ୍ଟିବିଲ ପ୍ରଭୃତି ଗ୍ରାମରୁ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ ।

## ରାଇବଣିଆ ଦୁର୍ଗ ଜମିର ସ୍ଥିତି ସଂପର୍କରେ ଜଳେଶ୍ୱର ବିଧାୟକଙ୍କ ବିଧାନସଭାରେ ପ୍ରଶ୍ନ



ଜଳେଶ୍ୱର, ୧୮/୩ (ନିପ୍ର) : ଚଳିତ ବିଧାନସଭା ପ୍ରଶ୍ନ ଉତ୍ତର କାଳରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ରାଇବଣିଆ ଦୁର୍ଗର ସ୍ଥିତି ସଂପର୍କରେ ବିଧାୟକ ଅଶ୍ୱିନୀ ପାତ୍ର କେତେକ ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବହୁ ପ୍ରାଚୀନ ରାଇବଣିଆ ଦୁର୍ଗର ନକ୍ସା ଅନୁଯାୟୀ ମୋଟ ୧୮୦ ଏକର ୦୨ ଡିସିମିଲ ଜମି ମଧ୍ୟରୁ ଏବେ ୨ଏକର ୩୪ ଡିସିମିଲ ଜମି ଜବରଦଖଲରେ ରହିଥିବା ସୂଚନା ଦେଇଥିଲେ । ଏହାର ଜବରଦଖଲ ମୁକ୍ତ ଲାଗି ସରକାର ପଦକ୍ଷେପ ଗ୍ରହଣ କରୁଥିବା ସୂଚନା ଦେଇଥିଲେ । ଅନ୍ୟଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ କହିଲେ ଯେ ବହୁ ପ୍ରାଚୀତ ରାଇବଣିଆ ଦୁର୍ଗ ରାଜ୍ୟ ସରକାରଙ୍କ ଏକ ସଂରକ୍ଷିତ କୀର୍ତ୍ତିରାଜି । ଏହି ଦୁର୍ଗର ବିକାଶ ଓ ପୁନଃରୁଦ୍ଧାର ଲାଗି ୨୦୧୯-୨୦ ଆର୍ଥିକ ବର୍ଷରେ ଟ. ୧୪,୯୯,୯୯୯/-ଙ୍କା ମଂଜୁର କରାଯାଇଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦ଲକ୍ଷ ମଂଜୁର ହୋଇଥିଲେ ମଧ୍ୟ କୋଭିଦ୍-୧୯ ଯୋଗୁଁ ତାହା ବିଳମ୍ବ ଘଟିଥିବା ପ୍ରକାଶ କରିଥିଲେ । ରାଇବଣିଆ ଦୁର୍ଗର ସ୍ୱାଗତ ତୋରଣ ନିର୍ମାଣ ନିମନ୍ତେ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ୨୫ଲକ୍ଷ ଓ ୨୦୨୦-୨୧ ବର୍ଷରେ ୨୫ ମଂଜୁର କରିଛନ୍ତି । ଉପଯୁକ୍ତ ଲେଟେରାଇଟ ପଥର ଅଭାବରୁ କାର୍ଯ୍ୟ ବିଳମ୍ବ ହେଉଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟଟକୁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ମାଧ୍ୟମରେ ତଦାରଖ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ ।

## ମେ ଆଇ ହେଲ୍ପ ୟୁ ମୋ ପରିବାର ପକ୍ଷରୁ ହସ୍ପିଟାଲରେ କୋଭିଡ୍ ଟିକାକରଣରେ ସହାୟତା




ଜଳେଶ୍ୱର, ୧୮/୩ (ନିପ୍ର) : ଆଜି ଗୁରୁବାର ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ/ବୃଦ୍ଧା ମାନଙ୍କୁ ଦିଆଯାଉଥିବା କୋଭିଦ୍ ଟିକାକରଣରେ ସଚେତନତା ସୃଷ୍ଟି କରିବା ସହ ମାକ୍ସ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡା, ଅଂଜନ କର, ନାରାୟଣ କର, ଏସ୍.କେ ଜାଭେଦ୍, ତୋଫାନ ଆଚାର୍ଯ୍ୟ, ନାରାୟଣ ଚନ୍ଦ୍ର କର, ଦେବବ୍ରତ ପଣ୍ଡା, ଯୋଗେଶ ରାଠୀ, ରାଜୀବ ବେହେରା, ସିପୁ କର ପ୍ରମୁଖ ଉପସ୍ଥିତ ଥିଲେ ।

## 'ହେଲଦି ଲାଇଫ' ପକ୍ଷରୁ ମଧୁମେହ ରୋଗ ପରୀକ୍ଷା ଶିବିର



ବାଲେଶ୍ୱର,୧୮/୦୩ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ଯୋଗ ଶିକ୍ଷାନୁଷ୍ଠାନ 'ହେଲଦି ଲାଇଫ' ଓ ଇନଷ୍ଟିଚ୍ୟୁଟ ଅଫ ନେଚର କିଓର ଏଣ୍ଡ ଯୌଗିକ୍ ସାଇନ୍ସ ପକ୍ଷରୁ ୩ଦିନିଆ ମଧୁମେହ ପରୀକ୍ଷା ଓ ଚିକିତ୍ସା ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି । ସହରର ବିବେକାନନ୍ଦ ମାର୍ଗସ୍ଥିତ ହେଲଦି ଲାଇଫ୍ ପରିସରରେ ଆୟୋଜିତ ଶିବିରକୁ ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଧ୍ୱନିପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ନିରୋଗ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ହେଲଦି ଲାଇଫର ଏହି ଉଦ୍ୟମ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ସାମ୍ପ୍ରତିକ ସମାଜରେ ଡାଇବେଟିସ ରୋଗୀ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ଶରୀର ପାଇଁ ପ୍ରାକୃତିକ ଚିକିତ୍ସା ସାଙ୍ଗକୁ ଖାଦ୍ୟ ସଂଯମତା ଓ ଯୋଗ-ପ୍ରାଣାୟମର ଆବଶ୍ୟକତା ଉପରେ ଶ୍ରୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ । ହେଲଦି ଲାଇଫ ସଂସ୍ଥାର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ଓ ସମ୍ପାଦିକା ଦେବୀ ଅର୍ଚ୍ଚନା ଏହି ଶିବିରକୁ ପରିଚାଳନା କରିଥିଲେ । ଡାଇବେଟିସ ମୁକ୍ତ ଭାରତ ନିର୍ମାଣ ପାଇଁ ହେଲଦି ଲାଇଫ୍ ପକ୍ଷରୁ ଏହିଭଳି ଶିବିର ନିୟମିତ ଆୟୋଜନ କରାଯାଉଥିବା ଡାକ୍ତର ସାହୁ ପ୍ରକାଶ କରିଥିଲେ । ଏହି ଶିବିରରେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଲୋକଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା । ଏଥିରେ ସଂଗୃହୀତ ଏହି ରକ୍ତ ବାଲେଶ୍ୱରର ପାଥୋକାଇଣ୍ଡ ଲାବରେ ପରୀକ୍ଷା ପରେ ମଧୁମେହ ରୋଗଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଇଥିଲା । ନାରାୟଣ ସାହୁ, ଅନୀତା ଦାସ, ହରପ୍ରିୟା ସ୍ୱାଇଁ, ସନ୍ଦୀପ ସାହୁ, ଜୟଶ୍ରୀ ମହାପାତ୍ର, ଅଭିଷେକ ଦାସ, ରାମରଂଜନ ଦାସ ପ୍ରମୁଖ ଏହିଭଳି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ବ୍ଲକ ଛକରେ ଆଶୀର୍ବାଦ ମାଇକ୍ରୋଫାଇନାନ୍ସ ଓ ସୁନାବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲିଆପାଳ,୧୮/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛକ ଆଇ.ସି.ଆଇ.ସି.ଆଇ. ବ୍ୟାଙ୍କର ଉପର ତାଲା ରେ ଆଶୀବାଦ ମାଇକ୍ରୋଫାଇନାନ୍ସ ଏବଂ ମଣିପୁରମ୍ (ଗୋଲଡଲୋନ୍) ସୁନାବନ୍ଧକ ଋଣ ଶାଖାର କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ବାଲିଆପାଳ ଆଇ.ସି.ଆଇ.ସି.ଆଇ. ବ୍ୟାଙ୍କର ମ୍ୟାନେଜର ଦୀପକ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଣ୍ଣବନ୍ଧକ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଏହି କାର୍ଯ୍ୟାଳୟ ହେବା ଦ୍ୱାରା ବାଲିଆପାଳ ଅଂଚଳର ବହୁ ଜନସାଧାରଣ ସୁନା ବନ୍ଧକ ଦେଇ ମାସିକ ଶତକଡ଼ା ୧ ଟଙ୍କା ସୁଧ ହାରରେ ଋଣ ପାଇପାରିବେ । ମଣିପୁରମ୍ ଗୋଲଡ୍ ଋଣ ଯାହା ଜାତୀୟ କ୍ଷେତ୍ରରେ ବେଶ୍ ନାଁ କରିଛି ତାର ଏହା ଏକ ଶାଖା ଏବଂ ଜନସାଧାରଣ ସମସ୍ତ ସୁବିଧା ନେଇପାରିବେ ବୋଲି ଶାଖା ପରିଚାଳକ ଦେବାଶିଷ୍ କର କହିଥିଲେ । ଏହି ଉତ୍ସବରେ କାର୍ଯ୍ୟାଳୟ ସହକାରୀ ଶାଖା ପରିଚାଳକ ପବିତ୍ର କୁମାର ଜେନା, କାର୍ଯ୍ୟାଳୟର କର୍ମଚାରୀ ସତ୍ୟ ରଂଜନ ବେହେରା, ଶୁଭଲକ୍ଷ୍ମୀ ବାରିକ୍, ଶୁଭଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

## ସଫେଇ କର୍ମଚାରୀଙ୍କୁ କୌଶଳ ପ୍ରଶିକ୍ଷଣ ଓ ପ୍ରମାଣପତ୍ର ବଣ୍ଟନ



ଉଦଳା,୧୮/୦୩ (ନି.ପ୍ର): ଏନ୍.ଏସ୍.ଡ଼ି.ସି. ତରଫରୁ ପ୍ରେରଣା ଗ୍ରୁପ ଓ ଡ୍ରୁନଏଜୁକେଶନାଲ ଟ୍ରଷ୍ଟର ମିଳିତ ସହଭାଗିତାରେ ଏକ କୌଶଳ ପ୍ରଶିକ୍ଷଣ ଚଳିତ ମାର୍ଚ୍ଚ ୧୫ ତାରିଖ ଦିନ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଉଦଳା ଡ଼ାକ୍ତରଖାନାରେ କାର୍ଯ୍ୟରତ ସଫେଇ କର୍ମଚାରୀ ମାନଙ୍କୁ ପ୍ରଦାନ କରାଯାଇଛି । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ ଉକ୍ତ ପ୍ରଶିକ୍ଷଣ ଶିବିରରେ ଅଧ୍ୟକ୍ଷତା କରିବା ସହିତ ଏକ ସୁସ୍ଥ ସମାଜ ପାଇଁ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଅଭିଜ୍ଞ ପ୍ରଶିକ୍ଷକ ମାନେ ସଫେଇ କାର୍ଯ୍ୟର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହାଦ୍ୱାରା ସଫେଇ କର୍ମଚାରୀ ନିଜକୁ ସୁରକ୍ଷିତ ରଖିବା ସହିତ ଦକ୍ଷତାର ସହିତ ନିଜର କାର୍ଯ୍ୟ ସଂପାଦନ କରିପାରିବେ ।

## ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା



ବାଲିଆପାଳ,୧୮/୦୩(ନି.ପ୍ର): ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପ୍ରଣବ କୁମାର ସାହୁଙ୍କ ପରିବାରକୁ ବାଲିଆପାଳ ବ୍ଲକ ନେପୁରା ସେବା ସମବାୟ ସମିତି ପକ୍ଷରୁ ପାଞ୍ଚଲକ୍ଷଟଙ୍କାର ବୀମାରାଶି ସହାୟତା ପ୍ରଦଦାନ କରାଯାଇଛି । ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଣବଙ୍କ ଧର୍ମପତ୍ନୀ ମମତାରାଣି ସାହୁଙ୍କୁ ଏହି ଚ୍ୟାକ ପ୍ରଦାନ କରିଥିଲେ । ଏହି ଚେକ ପ୍ରଦାନ ସମୟରେ ବାଲିଆପାଳ ଶାଖା ମ୍ୟାନେଜର ତୁଷାରକାନ୍ତି ପାତ୍ର,ଡାଇରେକ୍ଟର ବୋର୍ଡର ଅନ୍ୟତମ ନିର୍ଦ୍ଦେଶକ ଦେବ କୁମାର ଦେ,ନେପୁରା ସସୋସାଇଟିର ସଂପାଦକ ଦୀପକ କୁମାର ଦେ,ଅଜୟ କୁମାର ଦେ ,ସ୍ୱର୍ଗତଃ ପ୍ରଣବଙ୍କ ବାପା ସିକ୍ଷାବିତ ନାରାୟଣ ପ୍ରସାଦ ସାହୁ,ଦେଭୋଗପଞ୍ଚାୟତ ସରପଞ୍ଚ ନରହରି ଜେନା,ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳେଶ୍ୱର ଅଂଚଳରେ ଅବକାରୀ ଚଢାଉ : ୫୧ ଲିଟର ଦେଶୀ ମଦ ସହ ୩ ଗିରଫ



ଜଳେଶ୍ୱର, ୧୮/୩ (ନିପ୍ର) : ଆଜି ଗୁରୁବାର ବାଲେଶ୍ୱର ଜିଲାର ଜଳେଶ୍ୱର ଅବକାରୀ ଅଫିସ୍ ଓ ଥାନା ପକ୍ଷରୁ ଏକ ମିଳିତ ଚଢାଉରେ ଫଳରେ ୩ଜଣ ମଦବ୍ୟବସାୟୀଙ୍କ ଗିରଫ କରିବା ସହିତ ସେମାନଙ୍କଠାରୁ ୫୧ ଲିଟର ଦେଶୀ ମଦ ଜବତ୍ କରିଛନ୍ତି । ଜଳେଶ୍ୱର ଥାନା ଅଧିନ ଗୋପ ଗାଁର ବାମନ ଦେହୁରୀ (୪୮)ଙ୍କ ଠାରୁ ୨୧ ଲିଟର ଓ ସେହି ଗାଁର କକାଳି ଦେହୁରୀ (୫୦) ଠାରୁ ୫ଲିଟର , ଗୁରୁଦାସପୁର ଗ୍ରାମର ବୁଧିଆ ସିଂ(୨୯) ଠାରୁ ୨୫ଲିଟର ଦେଶୀ ମଦ ଜବତ୍ କରାଯାଇଛି । ଏହି କାର୍ଯ୍ୟକ୍ରମ ଅବକାରୀ ସବ୍‌ଇନସ୍‌ପେକ୍ଟର ଦେବେନ୍ଦ୍ର ବେହେରା ପ୍ରତ୍ୟେକ୍ଷ ତତ୍ୱାବଧାନ ଅନୁଷ୍ଠିତ ହୋଇଥିଲା ।

## ବଡ଼ା ଆସ୍ତାନା ପୀର ବାବାଙ୍କ ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ବାଲେଶ୍ୱର,୧୮/୦୩ (ନି.ପ୍ର): ସହରର ସୁନହଟସ୍ଥିତ ହଜରତ ମୌଲାନା ଶେଖ ଆହେମଦ ବାବା ରେହେମାତୁଲା ଅଲୈହ ଓରଫ ବଡ଼ା ଆସ୍ତାନା ପୀରବାବାଙ୍କ ୬୪ତମ ବାର୍ଷିକ ଉତ୍ସବ ଗୁରୁବାର ଉଦଘାଟିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ବାବା ଭୁଜାଖିଆ ପୀରଙ୍କ ଉର୍ସର ଗୋଟିଏ ସପ୍ତାହ ପୂର୍ବରୁ ବଡ଼ ଆସ୍ତାନା ପୀରବାବାଙ୍କ ଉତ୍ସବ ପାଳିତ ହୋଇଥାଏ । ସେହିକ୍ରମରେ ଉତ୍ସବର ପ୍ରଥମ ଦିନରେ ବାବାଙ୍କର ଗୋସାଲ କରାଯାଇଥିଲା । ବୁଢାବଳଙ୍ଗ ନଦୀର ପରମିଟ ଘାଟରୁ ବାବାଙ୍କର ଗୋସାଲ ପାଇଁ ଏକ ଶୋଭାଯାତ୍ରରେ ପାଣି ଅଣାଯିବା ପରେ ଆସ୍ତାନକୁ ପବିତ୍ର କରାଯାଇଥିଲା । ଅପରାହ୍ନରେ ଫୁଲ ଏବଂ ଚନ୍ଦନ ଶୋଭାଯାତ୍ରା ସହର ପରିକ୍ରମା କରିଥିବା ସହ ଆସ୍ତାନରେ ଶବିନା ପାଠ କରାଯାଇଥିଲା । ଗୋସାଲ ପରେ ବହୁ ଭକ୍ତ ବାବାଙ୍କ ଆସ୍ତାନରେ ଚାଦର ଚଢାଉଥିବା ଦେଖିବାକୁ ମିଳିଥିଲା । ଆସନ୍ତାକାଲି ଅର୍ଥାତ ୧୯ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସକାଳେ କୋରାନ ସରିଫ ପାଠ ସହିତ ସନ୍ଧ୍ୟାରେ ଫାତେହା ପରେ ଶିରିଣୀ ବିତରଣ କରାଯିବ ବୋଲି ଆୟୋଜକ କମିଟି କର୍ମକର୍ତାମାନେ କହିଛନ୍ତି । ସେହିପିରି ଉର୍ସର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାରତର ବିଶିଷ୍ଟ ଉର୍ଦ୍ଦୁ କବିମାନଙ୍କ ଦ୍ୱାରା ମୁଶାଏରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି । କମିଟିର ସଭାପତି ସେଖ କାମିଲ, ସମ୍ପାଦକ ହାଜି ସେଖ ସାଜିଦ ମହମ୍ମଦ, ସେଖ ରଜ୍ଜା, ସେଖ ମଞ୍ଜୁର, ଗୋଲାମ ମଜାମିଲ, ସେଖ ସମିଉଲ୍ଲା, ଅବଦୁଲ ଜାକିର ଖାନ, ସେଖ ହାପି. ସେଖ ସାଦିରୁଦ୍ଦିନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୨୪ ଘଂଟାରେ କରୋନାରୁ ସୁସ୍ଥ ହେଲେ ୬୬ ଜଣ

ଭୁବନେଶ୍ୱର,୧୮/୦୩ (ନି.ପ୍ର): ଗତ୨୪ ଘଂଟା ମଧ୍ୟରେ ରାଜ୍ୟରୁ ୬୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ନୂଆ ସୁସ୍ଥଙ୍କୁ ମିଶାଇଲେ ରାଜ୍ୟରୁ ଏଯାବତ ୩୩୫୯୨୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି । ୨୪ ଘଂଟାରେ ଖୋର୍ଦ୍ଧାରୁ ୧୨ଜଣ, କଟକରୁ ୮ଜଣ, ଯାଜପୁରରୁ ୮ଜଣ, ମୟୁରଭଞ୍ଜରୁ ୮ଜଣ, ଅନୁଗୁଳରୁ ୭ଜଣ, ସୁନ୍ଦରଗଡ଼ରୁ ୭ଜଣ, ଦେବଗଡ଼ରୁ ୪ଜଣ, ବରଗଡ଼ରୁ ୨ଜଣ, ଝାରସୁଗୁଡ଼ାରୁ ୨ଜଣ,ପୁରୀରୁ ୨ଜଣ ଓ ସମ୍ବଲପୁରରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ରାୟଗଡ଼ାରୁ ଓ ଷ୍ଟେଟପୁଲରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି ।

## ସମାଜସେବୀ ପ୍ରଦୀପ୍ତ ପୋଲାଇ ସମ୍ମାନିତ


ଭୁବନେଶ୍ୱର,୧୮/୦୩ (ନି.ପ୍ର): ବିଶିଷ୍ଟ ସମାଜସେବୀ ପ୍ରଦୀପ୍ତ କୁମାର ପୋଲାଇ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ହୋଇଛନ୍ତି । ଶ୍ରୀ ପୋଲାଇ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ଅବହେଳିତ ତଥା ନିରାଶ୍ରୟ ଭାବେ ଜୀବନ ଯାପନ କରୁଥିବା ଲୋକମାନଙ୍କ ନିକଟରେ ପହଂଚି ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବା ସହିତ ସହଯୋଗର ହାତ ବଢାଇ ଆସୁଛନ୍ତି । ଏପରିକି ମହାମାରୀ କରୋନା ସମୟରେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଏକ ପ୍ରକାର ଭାଙ୍ଗିପଡ଼ିଥିବାବେଳେ ଶ୍ରୀ ପୋଲାଇ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ନିକଟରେ ପହଂଚି ସେମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଆଦି ବଂଟନ କରି ସାଧାରଣ ଜନତାଙ୍କ ପ୍ରଶଂସାର ପାତ୍ର ସାଜିଥିଲେ । ଶ୍ରୀ ପୋଲାଇଙ୍କ ଏହି ଅବଦାନ ପାଇଁ ଚଳିତ ମାର୍ଚ୍ଚ ମାସ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ଚତୁର୍ଥ ଯଶୁଆପୁର ମହୋତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ।

## ଜୀବନ ବୀମା ନିଗମ ଘରୋଇ କରଣକୁ ପ୍ରତିବାଦ କରି ଦେଶବ୍ୟାପୀ ଦିନିକିଆ ଧର୍ମଘଟ



ଭଦ୍ରକ,୧୮/୦୩ (ନି.ପ୍ର): ସାରା ଦେଶ ବ୍ୟାପି ରାଷ୍ଟ୍ରାୟତ୍ତ ଶିଳ୍ପ ସମେତ ଲାଭରେ ଚାଲୁଥିବା ଜୀବନ ବୀମା ନିଗମକୁ ଘରୋଇ କରଣ ଓ ଆଇ.ପି.ଓ. ଜରିଆରେ ନିଗମର ଅଂଶଧନ ବିକ୍ରି କରୁଥିବା କେନ୍ଦ୍ର ସରକାରଙ୍କ ନୀତିକୁ ପ୍ରତିବାଦ କରି ଆଜି ଦେଶ ବ୍ୟାପି ବୀମା ଶିଳ୍ପର କାର୍ଯ୍ୟରତ ଅଫିସରଙ୍କ ଠାରୁ ଆରମ୍ଭ କରି ୪ର୍ଥ ଶ୍ରେଣୀ, ୩ୟ ଶ୍ରେଣୀ କର୍ମଚାରୀ ଓ ଏଜେଣ୍ଟ ସଂଘଙ୍କ ଦ୍ୱାରା ଗଠିତ ମଳିତ ମଞ୍ଚ ତରଫରୁ ଭଦ୍ରକ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧ ଘଟିକାରୁ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭା ନବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଟୁ ନେତା ଦିବ୍ୟସିଂହ ନାୟକ, କାର୍ତ୍ତିକ କୁମାର ଦାସ, ମନୋଜ କୁମାର ଜେନା, ପ୍ରତାପ ପଟ୍ଟନାୟକ, ଗଙ୍ଗାଧର ତ୍ରିପାଠୀ, କୁନି ମୁଣ୍ଡା, କାଳନ୍ଦୀ ପାତ୍ର, ଶ୍ରମିକ ନେତା ରାଧା ଦାସ, ଗୋବର୍ଦ୍ଧନ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖି କରୋନା ମହାମାରୀରେ ଦେଶବାସୀ ଆତଙ୍କିତ ଥିବା ବେଳେ କେନ୍ଦ୍ର ସରକାର ଦରଦାମ ବୃଦ୍ଧି ସାଙ୍ଗକୁ ରାଷ୍ଟ୍ରାୟତ୍ତ ଶିଳ୍ପକୁ କର୍ପୋରେଟ କମ୍ପାନୀକୁ ବିକ୍ରି କରି, ଲାଭକାରୀ ସଂସ୍ଥା ଜୀବନ ବୀମା ନିଗମକୁ ଘରୋଇ କରଣ କରିବାକୁ ନିଷ୍ପତି ନେବା ଅତ୍ୟନ୍ତତ ଦୁର୍ଭାଗ୍ୟଜନକ । ଏହି ସଂସ୍ଥାରେ ଶତକଡ଼ା ୪୯ ପ୍ରତିଶତ ଭାଗରୁ ୭୪ ପ୍ରତିଶତ ବଦେଶୀ ପୁଞ୍ଜି ନିବେଶ କରିବା ପାଇଁ ସରକାର ନେଉଥିବା ନିଷ୍ପତିକୁ ତୀବ୍ର ବିରୋଧ କରାଯାଇଥିଲା । ଏହା ବିରୁଦ୍ଧରେ ସମଗ୍ର ଦେଶବାସୀ ସୁରୋଉଳନ କରିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା । ତୁରନ୍ତ କେନ୍ଦ୍ର ସରକାର ନୀତି ପରିବର୍ତ୍ତନ ନକଲେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କୁହାଯାଇଥିଲା ।

## ଓଡିଶା କ୍ରିକେଟ ଆସୋସିଏସନର ଭିଜନ ୨୦୨୪ କ୍ରିକେଟ ଟୁର୍ଣ୍ଣାମେଂଟ



ବାରିପଦା,୧୮/୦୩ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ ଭିଜନ-୨୦୨୪ କ୍ରିକେଟ ଟୁର୍ଣ୍ଣାମେଂଟର ୨୦୨୧ ସଂସ୍କରଣ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ଏବଂ କଲେଜ ପଡିଆରେ ଆରମ୍ଭ ହୋଇ ଯାଇଛି । ୫୦ ଅଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଂଟରେ ସମସ୍ତ ମ୍ୟାଚ ଲିଗ ହେବାକୁ ଥିବା ବେଳେ, ପ୍ରଥମ ଦିବସରେ ଷ୍ଟାଡିୟମରେ ରୟାଲ ଦଳ ସିକ୍ରେଟ ବି ଏବଂ ବିଜେଏମସିସି ଦଳ ଜେକେସିସି ଦଳକୁ ପରାଜିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟଦଳ ଗୁଡିକ ମଧ୍ୟରେ କରଞ୍ଜିଆ ଏଥଲେଟିକ ଏସୋସିଏସନ, ସିକ୍ରେଟ ଏ, ଷ୍ଟେସନ ଲେଟକଟ, ଡିଆରକେ ଏ, ଡିଆରକେ ବି, ବିସିଏ ରାଇରଙ୍ଗପୁର, ରାଇରଙ୍ଗପୁର କ୍ରିକେଟ କ୍ଲବ, ଉତ୍କଳ କ୍ରିକେଟ କ୍ଲବ, ମୁସ୍କାନ, ଏମସିଏ ବାରିପଦା ପ୍ରମୁଖ ୧୨ ଟି ଟିମ ରହିଛନ୍ତି । ମ୍ୟାଚ ଗୁଡିକର ଆମ୍ପେୟାର ଭାବରେ ପ୍ରବୀର କୁମାର ବିଶ୍ୱାସ, ଦିଲ୍ଲୀପ କୁମାର ଦାସ, ମନମୋହନ ମୁର୍ମୁ, ଦେବାଶିଷ ଗୁପ୍ତା, କେ.ଇନ୍ଦ୍ରଜିତ ପ୍ରସାଦ, ଲଳାଟେନ୍ଦୁ ବେହେରା, ଗୌରୀ ଶଙ୍କର ସ୍ୱାଇଁ, ଅସୀତ ମହାନ୍ତି ପ୍ରମୁଖ ପରିଚାଳନା କରିବାକୁ ଥିବା ବେଳେ, ଡିଜିଟାଲ ଅନଲାଇନ ସ୍କୋରର ଭାବରେ ଜ୍ୟୋତିର୍ମୟ ଅଠା ଓଡିଶା କ୍ରିକେଟ ଏସୋସିଏସନ ଦ୍ୱାରା ନିଯୁକ୍ତ ହୋଇଥିବାର ଜଣାଯାଇଛି । ଏହି ଖେଳକୁ କାଉଁନସିଲ ମେମ୍ବର ଏବଂ କ୍ରିକେଟ ସମ୍ପାଦକ ସହାୟତା କରୁଥିବା ବେଳେ, ବରିଷ୍ଠ ସଦଶ୍ୟ ତଥା ଖେଳାଳୀ କିଶୋର ସ୍ୱାଇଁ, ସରୋଜ ବୋଷ, କୋଚ ସୁଦର୍ଶନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ଦେଖାଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଜୁନିୟର ସଂସ୍କରଣ ପାଇଁ ପଞ୍ଜିକରଣ ଏବେ ସୁଦ୍ଧା ଜାରୀ ରହିଥିବାର ମୟୂରଭଞ୍ଜ କ୍ରୀଡା ସଂସଦର ସମ୍ପାଦକ କିଶୋର କୁମାର ବିଶ୍ୱାଳ ଜଣାଇଛନ୍ତି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo